ମାଥ୍ୟାବଗିରୁ

ଏକ ପ୍ରଶାସନକ ବର୍ବରତାର କାହାଣୀ

କୁମାର ହସନ୍
ସରୋଜ କୁମାର ମହାନ୍ତି

ମାସ୍ୱାକଗିଗ୍ୱ

ଏକ ପ୍ରଶାସନକ ବର୍ବରତାର କାହାଣୀ

କୁମାର ହସନ୍

ସରୋଜ କୁମାର ମହାନ୍ତି

ଅକ୍ଷର ପ୍ରକାଶନୀ

Digitized by srujanika@gmail.com

ମାୟାବଗିଚ୍ଚ : ଏକ ପ୍ରଶାସନିକ ବର୍ବରତାର କାହାଣୀ

କୁମାର ହସନ୍
ସରୋଜ କୁମାର ମହାନ୍ତି

ପ୍ରକାଶକ :
ଅକ୍ଷର ପ୍ରକାଶନୀ,
ସମ୍ବଲପୁର

ପ୍ରଥମ ପ୍ରକାଶ : ୧୯୯୮

ମୁଦ୍ରଣ : ଭବାନୀ ପ୍ରିଣ୍ଟିଂ ପ୍ରେସ, ଧନୁପାଲି

ମୂଲ୍ୟ : **ସାତଟଙ୍କା ମାତ୍ର**

Mayabagicha : Eka prasasanik barbaratara kahani

Kumar Hasan, Saroj Kumar Mohanty

Publisher : Akhyara Prakashanee,
Sambalpur.

First Published : 1998

Printed at : Bhawani Printing Press, Dhanupali

Price : Rupees Seven Only

Digitized by srujanika@gmail.com

ସବୁ ସରିଗଲା ପରେ ମାସ୍ତ୍ରାବଗିରିକୁ ନେଇ ପୁସ୍ତିକାଟିଏ କାହିଁକି ? ଯେମିତି ଖବର କାଗଜର ସମ୍ବାଦ, ନେତାଙ୍କ କାଗଜି ମନ୍ତବ୍ୟ, ବେଘର ଲୋକଙ୍କ ଲୁହ ଓ ଦୀର୍ଘଶ୍ୱାସ, ଫେରେଇ ପାରିବାନ ସେସବୁ ଯାହା ପ୍ରଶାସନର ଅତ୍ୟାଚାରରେ ଶେଷ ହୋଇଗଲା । ଠିକ୍ ସେମିତି ଏ ପୁସ୍ତିକା ବାସ୍ତୁହରା ଲୋକଙ୍କୁ ନା ଫେରେଇ ପାରିବ ଘର ନା ତାଙ୍କ ମୁହଁରୁ କାଢ଼ି ନଆଯାଇଥିବା ହସ । କିନ୍ତୁ ବି ଫେରି ଆସିବନି-ପାନଗୁଡ଼ା, ପଶିବାଙ୍ଗୁଡ଼, ଝୁମ୍ପଡ଼ି ହୋଟେଲ, ଝାଳ ରକ୍ତରେ ତିଆରି ଘର । ତଥାପି ଏ ଆଲେଖ୍ୟ କାହାପାଇଁ ? ଆମେ ଜାଣୁନା ଏ ପୁସ୍ତିକାଟି କେବେ ମାସ୍ତ୍ରାବଗିରିର ତଡ଼ାଖାଇ ବାରଘର ଶୁଣ୍ଟିପିଣ୍ଡା ହେଉଥିବା ଲୋକଟିର ହାତରେ ପଡ଼ିବ କି ନା । ଯୋଢେଲର ହରିଜନ ପଡ଼ା କି ବେହାପଡ଼ା ଯେଉଁଠି ଅମଲାଙ୍କ ଦୟାରୁ ଭୂମିକମ୍ପ ଦେଖିବାକୁ ମିଳିଲା ସେଠିକାର ଦୁଃଖୀ ଲୋକଟିର ହାତରେ ପଡ଼ିବ କି ନା । ଏ ଲେଖାଗୁଡ଼ିକ ହିଁ ଆମର ଚରମ ଅସହାୟତାରୁ ସୃଷ୍ଟି । ଲେଖକୀୟ ଅସହାୟତା — ଏକ ବ୍ୟକ୍ତିର, ଏକ ନାଗରିକର ଅସହାୟତାରୁ ସୃଷ୍ଟି ।

କାଶୀପୁରର ଆଦିବାସୀଙ୍କୁ ଆଲୁମିନା ପ୍ରକଳ୍ପ ନାଁରେ, ଝାରସୁଗୁଡ଼ାରେ ତାପଜ ବିଦ୍ୟୁତ୍ ଆଲୁମିନା ପ୍ରକଳ୍ପ ନାଁରେ, ଗୋପାଳପୁରରେ ଇସ୍ପାତ କାରଖାନା ନାଁରେ, କୋଟଗଡ଼ ଅଭୟାରଣ୍ୟ ନାଁରେ, ଗନ୍ଧମାର୍ଦ୍ଦନରେ ବକ୍ସାଇଟ୍ ଖନନ ନାଁରେ ଲକ୍ଷ ଲକ୍ଷ ପରିବାରକୁ ବେଘର ଓ ବେରୋଜଗାର କରିବାର ପାଗଳାମିରେ ବ୍ୟସ୍ତ ଏ ସରକାର । ଦେଶର ବିକାଶ ନାଁରେ ଏ ପ୍ରକଳ୍ପମାନ, ଏ ଉଚ୍ଛେଦମାନ ଜରୁରୀ ବୋଲି କୁହାଯାଉଛି । ବିକାଶର ଏ ଧଣ୍ଡା ଯାହାର ମୂଳରେ 'ମଣିଷ'ଟି ନାହିଁ, କାହାର ବିକାଶ ପାଇଁ ଏ ପ୍ରଚଳିତ ବ୍ୟବସ୍ଥା ଏତେ ବ୍ୟସ୍ତ ଯତରେ । ବିକାଶ ମଣିଷକୁ ବାଦ୍ ଦେଇ ନା ମଣିଷକୁ ନେଇ — ଯଦି ମଣିଷକୁ ନେଇ, ତେବେ କେଉଁ ମଣିଷ ପାଇଁ ? ଆମ ଆଗରେ ଏହା ଏକ ବଡ଼ ପ୍ରଶ୍ନବାଚୀ ।

ଆମର ତଥାକଥିତ ବିକାଶ ପ୍ରକ୍ରିୟାର ଏକ ନଗ୍ନରୂପର ପ୍ରତିଫଳନ ଏଇ କେତୋଟି ପୃଷ୍ଠା ।

Digitized by srujanika@gmail.com

ମାୟା : ମାୟା ବଗିଚ୍ଚ

● କୁମାର ହସନ୍

" ଦେଖୁଛନ୍ତି ତ ଆମ ମାୟାର ବଗିଚ୍ଚ । ଆମ ମାୟାର ସମ୍ଭାର କେମିତି ନାରଖାର ହୋଇଗଲା । ସବୁ ଗଲା । ସବୁ ନଷ୍ଟ ହେଲା । ଆମ ବସ୍ତି ଉପରେ କାହାର ଶନି ଦୃଷ୍ଟି ପଡ଼ିଗଲା । ନଜର ଲାଗିଗଲା ।" ପାଖରେ ବୋହି ମା ଉଚ୍ଛି ଧୋବାଧୋର ନାକ । ଆଉ ସେହିପରି ମାଧବୀର ଆଖିରୁ ବହିଯାଉଛି ଧାର ଧାର ଅସହାୟ ଲୁହଧାର ।

ଘର, ବାଡ଼ି, କୂଅ ... କିଛି ବି ତ ରହିଲା ନାହିଁ । ଏ ଶୀତ କାକରରେ ଛୁଆପିଲା ଧରି କେଉଁଠିକୁ ଯିବୁ ? ଆମ ବେଉସା ଉଜୁଡ଼ି ଗଲା । ଏତେ ସବୁ ଝମେଲା କରି କିଏ ଲାଭ ପାଇଲେ ? ଏକା ଥରକେ ବୋମାଟେ ପକାଇ ଦେଇଥିଲେ ତ ମରି ଯାଇ ନ ଥାନ୍ତୁ ଯେ ତରି ଯାଇଥାନ୍ତୁ । ଅଦୂରରୁ ଆଉ ଜଣେ ନରମାଖୀର ଭଜାଭଜା ସ୍ୱର ଶୁଭିଲା ।

ଜଣେ ଅପରିଚିତ ମଧ୍ୟବୟସ୍କ ବୃଦ୍ଧ ଆଗେଇ ଆସିଲେ – " ଦି ଦିନ ହେଲା ରନ୍ଧାବଢ଼ା ବନ୍ଦ । ପାଉଁରୁଟି ଗୁ'ରେ ଚଳୁଛୁ । ଘର ଘର ମାଗି ମାଗି ଖାଉଛୁ । " ଆଖି ଟେକି ଦେଖିଲି । ଗୁରିଠା ଭଙ୍ଗା ବାଉଁଶ ଖଣ୍ଡ ଉପରେ କରି, ପ୍ଲାଷ୍ଟିକ୍‌ର ଛାତ ତଳେ ପଡ଼ିଛି ଏକ ବିକ୍ଷିପ୍ତ ପରିବାର । ଖୋଲା ଆକାଶ ତଳେ, ଏକ ଗଛ ତଳେ । ଚାରିଆଡ଼େ ଗଦାଗଦା ପୋଡ଼ା, ଭଗ୍ନଇଟା, ପଥର, ଭଙ୍ଗା କାନ୍ଥ, ଭଙ୍ଗା ହୋଇଲା ଭର୍ତ୍ତି ଚୁଲୀ, ଅଧାପୋଡ଼ା କାଠ, ଖପର, ହାଣ୍ଡିଆ, ଚୁଲ, ଜଙ୍ଗଲଗା ଟିଣ, ଚିରା ଅଖା, ପୋଷା କୁକୁର, କୁକୁଡ଼ା, ବତକ, ଛେଳି, ଥୁରୁଥୁରୁ ସିଙ୍ଘାଣୀନକା ପିଲା, ଧୁଡ଼ୁଧୁଡ଼ୁ ବୁଢ଼ାବୁଢ଼ୀ, ଦଠା ପଠା ଛିଣ୍ଡି ଯାଇଥିବା ଯୁବଣ୍ଣ ପିଲା, ଗର୍ଭବତୀ ଝିଅଲ, ବୟସ୍କ ସ୍ତ୍ରୀ-ପୁରୁଷ-ଭେଣ୍ଡିଆ । ଗଛ ତଳେ ଅସହାୟ ଢ଼ିବରେ ଭଙ୍ଗା ରିକ୍‌ସା, ଠେଲା, ସାଇକେଲ । କାହାର ମୁଣ୍ଡରେ ଓଢ଼ଣା ତ କାହାର ମୁଣ୍ଡ ଖାଲି । ଖାଲି ମୁଣ୍ଡ ଧୂଳି ଭର୍ତ୍ତି । ସମସ୍ତଙ୍କ ଆଖି ତଳକୁ । ସମସ୍ତେ ମାଟି ମୁହାଁ ।

Digitized by srujanika@gmail.com

ଗେଟି ଫୁଟି ଯାଇଥିବା ପକ୍‌କା ସଡ଼କ । ଖଣ୍ଡିଆଖାବରା ପୋଲ । ବିରାଟ ପାହାଡ଼ୀ ଧ୍ୱଂସସ୍ତୂପ ମଝିରେ ମରୁଦ୍ୱୀପ ପରି କେତୋଟି ଖାଁ ଖାଁ କରୁଥିବା ଏକଲା ଶବ ପରି ଘର ଏକ ଭୟାବହ ଘୂର୍ଣ୍ଣିବାତ୍ୟା ବା ପ୍ରଳୟଙ୍କରୀ ଭୂମିକମ୍ପରେ ଛିନଭିନ ହୋଇ ଯାଇଥିବା ଲହୁର । ହଁ, ଏଇଟା ସେଇ ଗତ ତିରିଶ ବର୍ଷ ହେଲା ଜନାକୀର୍ଣ୍ଣ ଘବେ ଗଢ଼ି ଉଠିଥିବା ସମ୍ବଲପୁର ପୌର ପରିଷଦ ସ୍ୱୀକୃତିପ୍ରାପ୍ତ ଝୋପଡ଼ି ଝଟିଟି ମାୟା ବଗିଚା । ୭ ଏକର ଜଙ୍ଗଲ ଓ ୨୮ ଏକର ନଜୁଲ ଜମି ଉପରେ ଗଢ଼ି ଉଠିଥିବା ପାଞ୍ଚ ନମ୍ବର ଓ୍ୱାର୍ଡ, ୪୫୮ ଟି ପରିବାର, ୧୪୬୪ ଟି ନାଗରିକ ଭୋଟର ମାନଙ୍କର ଭିଟାମାଟି, ମାୟାର ସଂସାର, ଯାହାକୁ ଜବର ଦଖଲ ଉଚ୍ଛେଦ ନାଁରେ ନଭେମ୍ବର ୪ ତାରିଖ ଦିନ ମଧ୍ୟାହ୍ନରେ ପ୍ରଶାସନ, ପୋଲିସର ବୁଲ୍‌ଡୋଜର ଅତି ନିର୍ମମ ଭାବରେ " ଅସୁର ପରି ଏଡ଼େ ଆଁ କରି ଟାକୁ ଟାକୁ ଗିଳି ଦେଇଛି । "

କେହି ଆସି ନଥିଲେ ସେ ଦିନର ସେ ମାୟା ବଗିଚା ପୋଲିସ ଗ୍ରାଉଣ୍ଡିକୁ । ନା ନେତା, ନା ରାଜନୈତିକ ଦଳ, ନା ନିର୍ବାଚନ ପରେ ପ୍ରତିଥର ସେମାନଙ୍କ ନାଁରେ ପକ୍‌କା ପଟ୍ଟା କରାଇ ଦେବାର ପ୍ରତିଶ୍ରୁତି ଦେଉଥିବା କ୍ଷମତାସୀନ ଦଳର ବିଧାୟକ, ମନ୍ତ୍ରୀ । ପୂର୍ବଦିନ ରାତିରେ କେତେକ ଯୁବକ ଆସି ଶାସକ ଦଳର ଜଣେ ଯୁବନେତା ମାୟା ବଗିଚା ଭଙ୍ଗାଯିବ ନାହିଁ ବୋଲି ନିଶ୍ଚିତ ପ୍ରତିଶ୍ରୁତି ଦେଇଥିବା କଥା ଜଣାଇଥିଲେ । ଲୋକେ ୨୪ ଘଣ୍ଟା ପୂର୍ବରୁ ଦିଆ ଯାଇଥିବା ସରକାରୀ ନୋଟିସ, ମାଇକ ଟ୍ରକର କଥା ଭୁଲି ଯାଇ ଆନନ୍ଦରେ ବାଣ ଫୋଟକା ଫୁଟାଇଥିଲେ, ଆଉ ଏକ ଦୀପାବଳୀ ପାଳିଥିଲେ, ହେଲେ ତାହା ଆରଦିନ ପାଣି ଫୋଟକା ପରି ମିଳାଇ ଯାଇଥିଲା କୁଆଡ଼େ ।

ସେଦିନ ନିକଟସ୍ଥ ପେନସନପଡ଼ା ପଲଟନ୍ ମସଜିଦ୍‌ର ଉଚ୍ଚ ମିନାର ଉପରୁ ଆଜାନର୍ ସ୍ୱର ଶୁଭିଥିଲା, ବୁକ୍‌ସେଲ୍ ହନୁମାନ ମନ୍ଦିରର ସନ୍ଧ୍ୟା ଘଣ୍ଟି, ଆଳତି ସ୍ୱର ବି ଶୁଭିଥିଲା, ହେଲେ କେହି ଲୁଙ୍ଗୀ,

Digitized by srujanika@gmail.com

ହିଲ, ଟୋପି ପିନ୍ଧି କ ହାତରେ ପୂଜା ସମ୍ଭାର ଧରି ଧପାଳି ନ ଥିଲେ । ପେନସନପଡ଼ା ଛକ୍ ରାସ୍ତାରେ ସେ ଅପରାହ୍ଣରେ ଥିଲା ପ୍ରବଳ ଭିଡ଼ । ଶହଶହ ବିସ୍ଥାପିତ ଲୋକ ରିକ୍‌ସା, ଠେଲାରେ ଘର କରଣା ଲଦି, କାନ୍ଧରେ ଖଟ ପିଲା ଝୁଲାଇ, ମୁଣ୍ଡରେ ବାକ୍ସ, ପେଟରା ବୋହି, ଛେଳି, କୁକୁର ସହିତ ଧାଡ଼ି ବାନ୍ଧିଥିଲେ କୋଉ ଅଜ୍ଞାତ ଆଶ୍ରୟ, ଠିକଣା ଉଦ୍ଦେଶ୍ୟରେ । ସର୍କିଟ ହାଉସ ରୋଡ଼, ମାଧ୍ବାବଟିରୁ ରୋଡ଼, ପେନସନ-ପଡ଼ା ରୋଡ଼, ସେଟଲମେଣ୍ଟ ଅଫିସ ରୋଡ଼, ବନ୍ଧକଡ ଭର୍ତ୍ତି ହୋଇ ଯାଇଥିଲା । ମନେ ହେଉଥିଲା ଭାରତ ବିଭାଜିତ ହୋଇଚଲି ଆଉଥରେ ଏ ଶରଣାର୍ଥୀଙ୍କ ଗହଣରେ । ସେମାନଙ୍କ ଘର ପରି ସେମାନଙ୍କ ମନ ବି ଭାଙ୍ଗି ଯାଇଥିଲା ।

ସତ୍ତାର ମିଆଁ କହୁଥିଲେ - ବନ୍ୟାରେ ବୁଡ଼ିଲା ବେଳେ ଆମେ ଘର ଛାଡ଼ିଥିଲୁ । ସରକାର ଆମକୁ ରଖାଇଥିଲା । ସେତେବେଳେ ହେଲେ ଆମକୁ ଫେରିବାକୁ ଦିଆ ଯାଇନଥାନ୍ତା । ହେଲେ ସିଏ ଆମକୁ ଭଙ୍ଗାଘର ତୋଳିବାକୁ ବାଉଁଶ ଦେଲା, ଟଙ୍କା ଦେଲା, ସ୍କୁଲରେ ଆଶ୍ରୟ ଦେଲା, ଖାନା ଦେଲା, ଦବାଇ ଦେଲା, ସେ ଆଜି ଏନା ବର୍ଷାରେ, ଏନା ବନ୍ୟାରେ ଆମ ଘର ଭାଙ୍ଗିଦେଲା ... ଆଉ କିଛି କହିବା ଆଗରୁ ତାଙ୍କ ସ୍ୱର କୋହରେ ବୁଡ଼ି ଯାଇଥିଲା । ଜାଁନମାଜ୍ କାନ୍ଧରେ ଆଖି ପୋଛୁ ପୋଛୁ ସେ ପଛକୁ ନ ଲେଉଟି ଆଗେଇ ଗଲେ ଆଗରେ ଯାଉଥିବା ତାଙ୍କ ପରିବାର ଗହଣକୁ, ଜେରି କଲେ ସତେ ବା ସେମାନେ ସେମିତି କେଉଁଠି ହଜିଯିବେ ହଜିଗଲା ମାଧ୍ବାବଗିଚା ପରି ।

ଜିଲ୍ଲାସ୍କୁଲ ଛକ୍‌ରୁ ଜଣେ ଯୁବକଙ୍କ ଉତ୍ତ୍ୟକ୍ତ ସ୍ୱର ଶୁଭୁଥିଲା - 'ଦିଅ କଂଗ୍ରେସ୍‌କୁ ଆଉ ଭୋଟ ଦିଅ । ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀର ଉପହାର । ଗରିବ ହଟାଓ ନୁହେଁ, ଗରିବୀ ଭଗାଓ । ଶାଳେ, ଦେଶ ବିରୋଧି କାମ କରୁଛନ୍ତି । ସମ୍ବଲପୁରରେ କଣ କେହି ଶାଳା ଆଜମୀ ନାହାନ୍ତି ?'

Digitized by srujanika@gmail.com

ମାୟା ବଗିଚା : ପୂର୍ବପଟେ ସର୍କିଟ ହାଉସ ପାହାଡ଼ । ପାହାଡ଼ ଉପରେ ସର୍କିଟ ହାଉସ, ପାନ୍ଥ ନିବାସ, ଇନ୍ସପେକ୍ସନ ବଙ୍ଗଳା ଓ ଆର୍.ଡି.ସି (ଉତ୍ତରାଞ୍ଚଳ) ଙ୍କ ବଙ୍ଗଳା ଓ ଘରୋଇ କାର୍ଯ୍ୟାଳୟ । ପଶ୍ଚିମକୁ ସମ୍ବଲପୁର ସହରର ହୋପ୍ୟାଂହୋ ଧୋବାଯୋର ନାଳ । ଉତ୍ତରକୁ ପେନସନ ପଡ଼ା ଓ ଦକ୍ଷିଣକୁ ଚେପନି ପୁଲିଆ ରୋଡ । ପାହାଡ଼କୁ ଲାଗି ୩୫ ଏକର ଜମିରେ ବିସ୍ତୃତ ମାୟାବଗିଚା ଗତ ୩୦ ବର୍ଷ ହେଲା ଓ କେତେକଙ୍କ ମତରେ ସ୍ୱାଧୀନତା ପୂର୍ବରୁ ଗଢ଼ି ଉଠିଛି । ଗରିବ ଝିଙ୍କିଖିଆ, ମୂଲିଆ, ମିସ୍ତ୍ରୀ, ରିକ୍ସାବାଲା, ତନ୍ତୀ, କମାର, କୁମ୍ଭାର ଗେରେଜ ମିସ୍ତ୍ରୀ, ଆଦିବାସୀ, ହରିଜନ, ନାଚେଇ, ପାନ ଦୋକାନୀ, କୁଲି ରେଜା, ଫକୀର ଓ ବନ୍ସ୍ୱଗତ ବହାଗିମାନଙ୍କ ଝୋପଡ଼ି ପଟି ବସ୍ତି । ପ୍ରାୟ ୨୦ ସଠିକ ପକ୍କା ଘର । ବାକି କଚ୍ଚାଘର । ୧୨ ଟି ପରିବାର ବାଧ୍ୟବଶ ନଜୁଲ ଜମି ଲିଜ ପାଇଛନ୍ତି । ପ୍ରାୟ ୫୦୦ ଟି ଘର । ଯାହାକୁ ପ୍ରଶାସନ ରାସ୍ତାଘାଟ, ଆଲୁଅ, ପାଇପ ଜଳ, ନଳକୂପ, ଟେଲିଫୋନ୍ ରାସନକାର୍ଡ ଯୋଗାଇ ଦେଇଛନ୍ତି । ବହୁ ସରକାରୀ କାର୍ଯ୍ୟକ୍ରମ ଏଠି ହୋଇଛି । ୟୁନିସେଫ୍ କାର୍ଯ୍ୟକ୍ରମର ଆଦର୍ଶ ପୀଠ । ସ୍ଲମ ଅଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମରେ ଦୁଇଶହ ଗୃହଗୃହୀ ଉପଯୋଗୀ ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୧୯୮୮ ରୁ ପ୍ରତିଷ୍ଠିତ । ଶିକ୍ଷକମାନଙ୍କୁ ପୌର ପରିଷଦ ଦରମା ଦେଉଛି । ନାନା ଧର୍ମ, ନାନା ଜାତି ନାନା ବୃତ୍ତିର ଏକ ମିଶ୍ରଣ, ଶାନ୍ତିପୂର୍ଣ୍ଣ ସହାବସ୍ଥାନର ଏକ ଉଜ୍ଜ୍ୱଳ ନମୁନା । ଅଖଣ୍ଡ ଥିଲା ଜୀବନ ଯାତ୍ରା, ଅବ୍ୟାହତ ଥିଲା ଜୀବନ ସଂଗ୍ରାମ । ଖରାଦିନରେ ପାହାଡ଼ ପଥରର ଖରାଧାସ, ବର୍ଷାରେ ବନ୍ୟା ବିଭ୍ରାଟ, ଶୀତ କାକରକୁ ଖାତିର ନ କରି କେତେ ସୁଖଦୁଃଖ, ହସକାନ୍ଦ, ଜନ୍ମମରଣର ସାକ୍ଷୀ ।

"ଆମେ କାମକରା ଲୋକ ବାବୁ । କାମ କଲେ ଚୂଲି ଜଳେ । କାମ ନ କଲେ ପେଟ ବନ୍ଦ । ଏଠୁ କୁଆଡ଼େ ଗଲେ କାମ ପାଇବୁ କାହିଁ ? ତେଣୁ ଘର ଭାଙ୍ଗି ଦେଲେ ବି ଏଠି ଶୀତ କାକରରେ ଛୁଆପିଲା ଧରି ଖୋଲା ଆକାଶ ତଳେ କରମ ଆଦରି କୁକୁରମାନଙ୍କ ପରି, ଗାଈବଳଦ ପରି ପଡ଼ି ରହିଛୁ ।" ଆଗେଇ ଆସି କହିଲା ଦମ୍ୟିଆ ।

Digitized by srujanika@gmail.com

ଅଗଷ୍ଟ ୩୧ ତାରିଖ । ୧୯୯୬ର ସେଦିନ ଅଭିଶପ୍ତ ସ୍ୱାୟତ୍ତ ଶାସନ ଦିବସ କଥା ମନେ ପକାଇ ଶିହରି ଉଠିଲେ କେଇ ଜଣ ବସ୍ତିବାସୀ, ଯେଉଁ ରବିବାର ମଧ୍ୟାହ୍ନରେ ସହରବାସୀଙ୍କ ସମୂହ ସ୍ୱାର୍ଥ, କୃତ୍ରିମ ବନ୍ୟା ହାତରୁ ରକ୍ଷା, ରାସ୍ତାଘାଟ, ନାଳନର୍ଦ୍ଦମା, ଧୋବୀଯୋର ଜବର ଦଖଲ ଖାଲି କରିବାକୁ ଉତ୍ତରାଞ୍ଚଳ ରାଜସ୍ୱ ଡ଼ିଭିଜନାଲ କମିଶନର ତଥା ସମ୍ବଲପୁର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡ. ହୃଷିକେଶ ପଣ୍ଡା ଐତିହାସିକ ଘୋଷଣା କରିଥିଲେ । କହିଥିଲେ ସମ୍ବଲପୁର ନାଳନର୍ଦ୍ଦମା ଅବସ୍ଥା ଅତ୍ୟନ୍ତ ଶୋଚନୀୟ । ଉପଯୁକ୍ତ ଯୋଜନା ଓ ନକ୍‌ସା ଅଭାବରୁ ନାଳ ଗୁଡ଼ିକରେ ଜଳ ନିଷ୍କାସନ ହୋଇ ନ ପାରି, ପାଣି ଓ ମଇଳା ଜମି ରହି ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି କରୁଛି । ତା'ପରେ ସହରରେ ଆତଙ୍କ ଖେଳି ଯାଇଥିଲା ଜବର ଦଖଲକାରୀଙ୍କ ମଧ୍ୟରେ । ଲୋକେ ସ୍ୱତଃ ପ୍ରବୃତ୍ତ ହୋଇ ନିଜ ଦଖଲ ଖାଲି କରି ଦେଇଥିଲେ । ଡ଼. ପଣ୍ଡାଙ୍କ କଠୋର ନ୍ୟାୟପ୍ରିୟ ପ୍ରଶାସନର ଇତିହାସରେ ଭର୍ତ୍ତି ହୋଇ ଯାଉଥିଲା ସ୍ଥାନୀୟ ଖବରକାଗଜ ଗୁଡ଼ିକର ମୁଖପୃଷ୍ଠା ।

ତା'ପରେ ଅଭିଯାନ ଆରମ୍ଭ ହେଲା । ସହରର ରାସ୍ତାକଡ଼ରୁ ଠେଲାମାନ ଉଠିଭଇ ଗଲା । ଘରସବୁ ଭାଙ୍ଗି ଖଣ୍ଡିଆ ଖାବରା ହେଲା । ରାସ୍ତା ଚଉଡ଼ା ହେଲା । ବ୍ରଣଦାଗ ପରି ଲାଗି ରହିଲା ସହର ଭିତରେ ଭଙ୍ଗାଗଢ଼ାର ଚିହ୍ନ । ବ୍ୟାପିଗଲା ଉତ୍ତରାଞ୍ଚଳ ଡ଼ିଭିଜନର ସମସ୍ତ ରାଜସ୍ୱ ଜିଲ୍ଲାରେ । ଲୋକେ ଆଶା କଲେ, ଜବର ଦଖଲକାରୀ ପୁଞ୍ଜିପତି, ଧନୀଙ୍କ ବ୍ୟବସାୟ କୋଠା ସବୁ ଯିବ । ହେଲେ ମାଡ଼ ପଡ଼ିଲା ଗରିବ ଗୁରୁବାଙ୍କ ଉପରେ । ଦଶହରା ପୂଜା ବେଳକୁ ଉଚ୍ଛେଦ ଅଭିଯାନ ବନ୍ଦ ହେଲା । ତା'ପରେ ପରେ ଆସିଲା ଶୀଘ୍ର ଗତିରେ ସେ ଅଭିଯାନ । ଅନେକ ଘର, କାନ୍ଥ ଧରଶାୟୀ ହେଲା । ମୁଖ୍ୟ ଲକ୍ଷ୍ୟ ହେଲା ମାୟା ବଗିଚ୍ଛ ଓ ବୁଢ଼ାରଜା ପାହାଡ଼ ତଳ ବସ୍ତି ରାମଗଡ଼, ଶୋଲେ ଫିଲ୍ମର ବସନ୍ତିର ଗାଁ ଅନୁସାରେ ଯାହାର ନାମକରଣ କରିଥିଲେ ସ୍ଥାନୀୟ ଯୁବକମାନେ ରାମଗଡ଼ । ଯେଉଁଠାରେ ବି ନା ଥିଲା କୌଣସି ଗବ୍‌ବର ସିଂ ନା ବୀରୁ, ଠାକୁର ।

Digitized by srujanika@gmail.com

ପ୍ରଶାସନ ପକ୍ଷରୁ ପୁନର୍ବାସନ ଉଦ୍ଦେଶ୍ୟରେ ମାୟା ବଗିଚ୍ଛ ବାସିଙ୍କୁ ପୂର୍ବବନ୍ଧ ନିକଟରେ ନେତାଜୀ ସୁଭାଷଚନ୍ଦ୍ର ବୋଷ ମହାବିଦ୍ୟାଳୟ ପାଖରେ ଜାଗା ଦେଖାଗଲା । ସେଇଟା ଥିଲା ରହିବା ଅନୁପଯୋଗୀ । ବର୍ଷାରେ ଦରଜ ଯୋର ନାଳ ବନ୍ୟାରେ ବୁଡ଼ି ଯିବାର ସମ୍ଭାବନା ଯୋଗୁଁ ଲୋକେ ଅଗ୍ରାହ୍ୟ କଲେ । ଗୁଣ୍ଡମାନେ ସେଠାରେ ମାୟା ବଗିଚ୍ଛ, ସାହୁ କଲୋନୀର 'ଅସାମାଜିକ ଲୋକଙ୍କୁ' ରଖାଇ ନ ଦେବାର ଧମକ ଦେଲେ । କିଛି ଅସାମାଜିକ ଲୋକ, କିଛି ହିଷ୍ଟ୍ରିସିଟରଙ୍କ ଯୋଗୁଁ ମାୟା ବଗିଚ୍ଛ ପୋଲିସ ଆଖିରେ 'ଚୋର ପଡ଼ା', 'ବେଶ୍ୟା ପଡ଼ା' 'ଅସାମାଜିକତାର ଆଡ଼୍ଡା' ଥିଲା । ଏଠାରୁ ପୋଲିସର ବି ପ୍ରଚୁର ଆୟ ହେଉଥିଲା ।

'ହଁ ବାବୁ, ଆମେ ଚୋର, ଆମ ମା ଝିଅମାନେ ବେଶ୍ୟା । ସରକାରୀ ଲୋକଙ୍କ ଚାହିଦା ନ ମେଣ୍ଟାଇଲେ ଆମେ କୁକୁର ମାକଡ଼' । ଗତର କଳଙ୍କିତ ପ୍ରହରରେ କେତେ ମୁମୂର୍ଷୁ ରୋଗୀଙ୍କୁ, ଆସନ୍ନ ପ୍ରସବା ପୋଃଖଗି ନାରୀକୁ, ଅସହାୟ ବୃଦ୍ଧ ବୃଦ୍ଧାଙ୍କୁ, ଅଚେତନ ଶିଶୁକୁ ଖାଲି ଭଥା ପଦକରେ ଅଜାତରେ ଝଡ଼ବର୍ଷା ଶୀତ କାକରକୁ ଭ୍ରୂକ୍ଷେପ ନ କରି ବୋହି ନେଇଛି ଭତଅଧରେ ଡାକ୍ତରଖାନାକୁ ମାୟା ବଗିଚ୍ଛ ବାସୀର ଭତିଅଧିଆ ରିକ୍ସା, ଅଟୋ । ହମିଦ୍ ପୁଣି କହିଲା - ପେଟ ନ ଚଳିଲେ ଆମେ ଚୋରି କରିବୁ, ଡକାୟତି କରିବୁ, ବେଶ୍ୟାଗିରି ବି କରିବୁ । ନ କଲେ ଖାଇବୁ କଣ ? ଆମକୁ ବଦନାମ କରୁଥିବା ପୋଲିସ, ଲୋକେ କାହିଁ ଆମକୁ ଖାଇବାକୁ ମୁଠେ କେବେ ଦେଇ ନାହାନ୍ତି, କାମ ଖଣ୍ଡେ ଯୋଗାଡ଼ କରି ଦେଇ ନାହାନ୍ତି । ଓଲଟା ସେମାନେ ଆମର ସବୁକିଛି ନଷ୍ଟ କରିଛନ୍ତି । " ଉପକୃତ ଲୋକମାନେ ଆଜି ସେମାନଙ୍କର ଆଖି ଫେରେଇ ନେଇଛନ୍ତି । ଆମେ ହୁଏତ କେବେ କାହାର ଘର ଭାଙ୍ଗିଥିବୁ । ତେଣୁ ଆମର ଘର ବି ଭାଙ୍ଗିଗଲା । ହୁଏତ ପାପର ଫଳ ଇଏ । "

Digitized by srujanika@gmail.com

ଦମୟନ୍ତୀର କଥା ମନେ ପଡ଼ୁଥିଲା - ଦୁଃଖ କଣ ବାକ୍ୟ । ଏତେ ଦେବତାସୁଦ୍ଧା ଯେ ଦୁଃଖ ନ ଦେଲେ କଣ ହଜିଗଲା ପରି ଲାଗେ । ଆମେ ତ କବର ଖାନାକୁ ଲାଗି ରହୁଥିଲୁ । ଆଗରୁ ଆମର ଜାଣିବାର ଥିଲା ଯେ ଏଇଟା ବି ଦିନେ କବର ପାଲଟି ଯିବ । ଆମ ଜୀବନ, ଆମ ସ୍ୱପ୍ନର କବରଖାନା । ଏଠି ମୋ ବାପା ମରିଥିଲେ, ମାଁ ଯାଇଥିଲେ, ମୁଁ , ମୋ ପିଲାମାନଙ୍କ ଜନ୍ମ ଏଇଠି, ଶ୍ୱଶୁର ଘର ବି ଏଇଠି । ଏଇଠି ମରିବି ବୋଲି କେତେ ଆଶା ଥିଲା, ସେତକ ବି ଗଲା ।

ଯୁବ କଂଗ୍ରେସ ନେତାଙ୍କ ପ୍ରତିଶ୍ରୁତିରେ ଲୋକେ ନିଶ୍ଚିନ୍ତ ଥିଲା ବେଳେ ଅର୍ଜୁନଙ୍କ କଳାହାଣ୍ଡିଆ ମେଘ ପରି ଘୋଟି ଆସିଥିଲା ବୁଲ-ଡୋଜର । ଗୃହ୍ମଁ ଗୃହ୍ମ ସମଗ୍ର ମାଦ୍ଧ୍ୱାକଟିଂ ଏକ ସଶସ୍ତ୍ର ପୋଲିସ ଛାଉଣିରେ ପରିଣତ ହେଲା । ଆର୍. ଡ଼ି. ସି. ନିବାସ ଠିକ ପାଖରେ ଏ ବସ୍ତି ଥିବାରୁ ସେଠାରେ ମଧ୍ୟ ସଶସ୍ତ୍ର ପୋଲିସ ମୁତୟନ ଥିଲେ । ଦିନକ ଆଗରୁ ଅଞ୍ଚଳର ବିଦ୍ୟୁତ୍ ଲାଇନ୍ କାଟି ଦିଆ ଯାଇଥିଲା ।

ଏ ଅତର୍କିତ ଆକ୍ରମଣରେ ସ୍ତବ୍ଧ ହେଲା ବସ୍ତି । ସ୍ତ୍ରୀ ମାନେ ପ୍ରତିବାଦ କରି ଡୋଜର ଆଗରେ ଶୋଇଗଲେ । ମହିଳା ପୋଲିସ ସେମାନଙ୍କୁ ଟାଣି ନେଲେ । ବିଭିନ୍ନ ଜାଗାରେ ଟାୟାର ଜାଳି, ପଥର ଗଦା କରି, ଖାଲି ଘରେ ନିଆଁ ଲଗାଇ ଡୋଜରର ପଥ ଅବରୋଧ କଲେ । ଟେକା ପଥର ଫିଙ୍ଗିଲେ । ଦୁଇ ଦୁଇଟା ଦମକଳ ଆସିଲା । ସଶସ୍ତ୍ର ପୋଲିସ ଉତ୍ତେଜନା ପ୍ରଶମନ କରିବାକୁ ଲାଠି ଚାଳନା କଲା । ଲୋକେ ମାଡ଼ ଖାଇଲେ । ଅନ୍ୟ ପଟେ ଡୋଜର ବିକଟାଳ ଗର୍ଜନ କରି ଗୋଟା ଗୋଟା ଘରକୁ ଧ୍ୱଂସ ସ୍ତୁପରେ ପରିଣତ କରି ଚାଲିଥାଏ । ଡୋଜର ର ବିକଟାଳ ଗର୍ଜନ, ପ୍ରତିବାଦକାରୀ ବସ୍ତି ବାସିନ୍ଦାଙ୍କ ଆପ୍ରାଣ ପ୍ରତିରୋଧ, ହଟ୍ଟଗୋଳ, ସ୍ତ୍ରୀ, ଶିଶୁ ମାନଙ୍କର ଆକାଶ ଫଟା କରୁଣ କ୍ରନ୍ଦନ, ପୋଲିସର ରେରେକାର··· ଭିତରକୁ ଯାଉଥିବା ସବୁ ରାସ୍ତାକୁ ପୋଲିସ ଅବରୋଧ । ଭିତରକୁ କୌଣସି ବାହାର ଲୋକ, ସାମ୍ବାଦିକ,

Digitized by srujanika@gmail.com

ଫଟୋଗ୍ରାଫର ମାନଙ୍କ ଛଡା ଗଲା ନାହିଁ । ୧୨ଟି ଲିକ୍ ପାଇଥିବା ଓ ୧୩ଟି ହାଇକୋର୍ଟ ରହିତାଦେଶ ପାଇଥିବା ଘର ଛାଡ଼ି ବାକି ପ୍ରାୟ ୪୭୫ ଟି ଘରକୁ ଧୂଳିସାତ କରିବାକୁ ସଂକଳ୍ପବଦ୍ଧ ଡୋଜର ୫୦ଟି ଘର ଭୂଲୁଣ୍ଠିତ କରିବା ପରେ ଚେନ୍‌ଛିଣ୍ଡି ଅଚଳ ହେଲା ପରେ ସେଦିନର ଧ୍ୱଂସଲୀଳା ଥମି ଯାଇଥିଲା । ପାହାଡ଼ ଉପରୁ, ସର୍କିଟ ହାଉସ ଉପରୁ, ଅନ୍ୟାନ୍ୟ ଉଚ୍ଚସ୍ଥାନ, ସଡକରୁ ଠିଆ ହୋଇ ହଜାର ହଜାର ଜନସାଧାରଣ ଏ ମାୟା ନଗରୀ ଉଜୁଡ଼ି ଯିବାର ଅଶ୍ରୁଳ ଦୃଶ୍ୟ ଦେଖୁଥିଲେ ଅତି ଅସହାୟ ଭାବରେ । ସମସ୍ତଙ୍କ ମନରେ ଉତ୍ତେଜନା । ସମସ୍ତଙ୍କ ହାତ ମୁଠା ମୁଠା ହୋଇ ଯାଇଥିଲା । ପରିବାରର ଯୁବକମାନଙ୍କୁ ଅଭିଭାବକମାନେ ବଡ କଷ୍ଟରେ ନିୟନ୍ତ୍ରଣ କରିଥିଲେ । ଶିବନା ମାଟି ସ୍ତୁପରେ ହଜି ଯାଇଥିବା ତା 'ଗୁଡିଆ' ପାଇଁ କଣ୍ଠ ଫଟାଇ କାନ୍ଦୁଥିଲା । ସବୁଥିଲା ନିଥର, ନିସ୍ତବ୍ଧ ।

ପୂର୍ବରୁ ଏ ଅଞ୍ଚଳ ଉଚ୍ଛେଦର ନୋଟିସ ଦିଆ ଯାଇଥିଲା । ନୋଟିସ ପାଇ ଲୋକେ ବଳକରେ ନେତା, ପ୍ରଶାସକ ମାନଙ୍କ ଦ୍ୱାରସ୍ଥ ହୋଇ ଏ ନିଷ୍ପତ୍ତିରୁ ଓହରି ଯିବାକୁ ଅନୁନୟ କରିଥିଲେ । ବିଫଳ ହୋଇଥିଲେ । କେତେ ଥର ପ୍ରଶାସକମାନେ ଥାଇ ମଧ୍ୟ ଧରିଛୁଆଁ ଦେଇ ନ ଥିଲେ । କେତେକ ବ୍ୟକ୍ତି ହାଇକୋର୍ଟର ଆଶ୍ରୟ ନେଇଥିଲେ ।

ହାଇକୋର୍ଟ ନିର୍ଦ୍ଦେଶକ୍ରମେ ଦଶ ଜଣ ଆବେଦନକାରୀଙ୍କୁ ଅକ୍ଟୋବର ୨୦ ସୁଦ୍ଧା ଉପଜିଲ୍ଲାପାଳଙ୍କୁ ଅପିଲ କରିବାର ତାରିଖ ଦିଆ ହୋଇଥିଲା । ଏ.ଡ଼ି.ଏମ୍. ସେହି ଅପିଲ ସବୁକୁ ନାକଚ କରିଦେଲେ । ପୁଣି ସେମାନେ ହାଇକୋର୍ଟର ଦ୍ୱାରସ୍ଥ ହେଲା ପରେ ଅକ୍ଟୋବର ୨୯ ତାରିଖ ଦିନ ରାୟ ପ୍ରକାଶ କରି ସାତଦିନ ମଧ୍ୟରେ ଉପରିସ୍ଥ ଜିଲ୍ଲାପାଳଙ୍କ ଅଦାଲତରେ ଅପିଲ କରିବାକୁ ଓ ଉକ୍ତ କୋର୍ଟ ଅପିଲ ଖାରଜ କଲେ ଦୁଇଦିନ ମଧ୍ୟରେ ଉପରିସ୍ଥ ଅଦାଲତରେ ଅପିଲ କରିବାକୁ ନିର୍ଦ୍ଦେଶ ଦେଇ ଏହି କାଳ ମଧ୍ୟରେ ସେମାନଙ୍କୁ ଉଚ୍ଛେଦ

Digitized by srujanika@gmail.com

କରିଯାଇ ପାରିବ ନାହିଁ ବୋଲି ନିର୍ଦ୍ଦେଶ ମିଳିଲା ।

ଯେଉଁମାନଙ୍କ ପାଖରେ ଟଙ୍କା ଥିଲା ସେମାନେ ଏ ଅଦାଲତି କାରବାରର ଆଶ୍ରୟ ନେଲେ । ଗୋଟାଏ ଲେଖାଏଁ ରହିତା ଦେଶ ପାଇଁ ସେମାନଙ୍କୁ ୧୫ ରୁ ୨୦ ହଜାର ଟଙ୍କା ଯାଏଁ ବ୍ୟୟ କରିବାକୁ ହୋଇଛି । କଟକ ଯିବା ଆସିବା ଖର୍ଚ୍ଚ, ହଇରାଣ ହରକତ ହେବା ଅଲଗା । ତେବେ ଝୁମ୍ପୁଡ଼ି ବସ୍ତିର ମାତ୍ର ୧୦/୧୨ ଜଣଙ୍କୁ ଛାଡ଼ି ବାକି ମାନଙ୍କର ଏ ସାଧନ ନ ଥିବାରୁ ସେମାନଙ୍କର ଘର ଗଲା । ତା' ସାଙ୍ଗକୁ ସ୍ଥାନୀୟ କର୍ତ୍ତୃପକ୍ଷ ଏମାନଙ୍କ ପ୍ରତି କୌଣସି ସହାନୁଭୂତି ପ୍ରକାଶ ନ କରିବା ଏପରିକି କୋର୍ଟ ଆଦେଶ ପର୍ଯ୍ୟନ୍ତ ଗ୍ରହଣ କରୁନଥିବାରୁ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଥିଲା । ଏପରିକି ଜଣେ ବ୍ୟକ୍ତି ଧାର ଉଧାର କରି, ବନ୍ଧା ଦେଇ ହାଇକୋର୍ଟ ରହିତାଦେଶ ଧରି କଟକରୁ ପହଞ୍ଚିଲା ବେଳକୁ ତାଙ୍କ ଘର ଗଦାଏ ଧ୍ୱଂସସ୍ତୂପରେ ପରିଣତ ହୋଇ ସାରିଥିଲା । ସେ ହାତରେ ରହିତାଦେଶ ଧରି ଶୂନ୍ୟ ଆଖିରେ ତାଙ୍କର ଧୂଳିରେ ଲୋଟୁଥିବା ସଂସାରକୁ ନିଷ୍ପ୍ରାଣ ଭାବରେ ଅନାଇ ରହିଥିଲେ ।

କେତେକ ସମ୍ବେଦନଶୀଳ ତଳିଆ ପୋଲିସ କର୍ମଚାରୀ କ୍ଷତିଗ୍ରସ୍ତ-ମାନଙ୍କୁ ସାନ୍ତ୍ୱନା ଦେଇ କହୁଥିବାର ଶୁଣା ଯାଇଥିଲା - " ଆମକୁ ମାଫ୍ କରିବ । ଆମେ କଣ କରି ପାରିବୁ ? ଆମକୁ ଖରାପ ଲାଗୁଛି । ହୁକୁମର ଚାକର ଆମେ । ଆମେ ବି ତମପରି ମଣିଷ । ଆଗରୁ ଷ୍ଟେ ଅର୍ଡର ଆଣି ପାରିଥାନ୍ତ । " ହେଲେ, କେମିତି ଆଣି ପାରିଥାନ୍ତେ ସେମାନେ ? ଟଙ୍କା କାହିଁ ? ଅନେକେ ତ କଟକ ନଗର ଦେଖି ନାହାନ୍ତି । " ସେଠି ଓକିଲମାନେ ପୁଣି ଜାଲ ପାତି ବସିଛନ୍ତି ? " ପଚାରୁ କହୁଥିଲେ ରଫିକ ମିଆଁ ।

ସକାଳୁ ପ୍ରଭାତଫେରି ହୋଇନାହିଁ । ଘଣ୍ଟା ବାଜି ନାହିଁ । ପ୍ରାର୍ଥନା

Digitized by srujanika@gmail.com

ହୋଇ ନାହିଁ । ହାଜରୀ ପଡ଼ିନାହିଁ । ନେହେରୁଙ୍କ ଶହରେ ଫୁଲମାଳ ଦେଇ ଟିକି ଟିକି ରଙ୍ଗ ବେରଙ୍ଗ ପ୍ରଜାପତିମାନେ 'ଶ୍ରୀ ନେହେରୁଜୀ ଜୟ' କହି ଗଳାକଣ୍ଠରେ ଗୀତ ଗାଇ ଗଲି ନାହାନ୍ତି । ହଁ, ମାୟୁାବଗିଚା ମ୍ୟୁନିସିପାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏକ ଶ୍ମଶାନ ପରି ଦିଶୁଥିଲା, ଉଚ୍ଛେଦର ୧୦ ଦିନ ପରେ ଶିଶୁ ଦିବସ ଦିନ । ଫାଙ୍କା ବାରଣ୍ଡା ଉପରେ କେତେଟା ବୁଲା କୁକୁର ଶୋଇଥିଲେ । ଏକଦା କଳାରୋଳ, ଟଣାଓଟରା, ପାଠ ଫଣକଆ, କଳରୋଳ ମୁଖରିତ ସ୍କୁଲର ଠିକଣାସ୍ଥାନ ହୋଇଯାଉଥିବା ଶହଶହ ଛାତ୍ରଛାତ୍ରୀ କେଉଁଠି ଜୀବନ ବିଦ୍ୟାଳୟର ପାଠ ଘୋଷାରେ ବ୍ୟସ୍ତ ଜାଣିବା କଠିନ । ସ୍କୁଲ ଖାଁ ଖାଁ କରୁଛି । ଶିକ୍ଷକ-ଶିକ୍ଷୟିତ୍ରୀମାନେ ଆସି ଫେରି ଯାଉଛନ୍ତି । 'ଆମ ଡ୍ୟୁଟି ତ ଆମକୁ କରିବାକୁ ହେବ' କହିଲେ ଜଣେ ଶିକ୍ଷିକା ।

ଏଥର ସମ୍ବଲପୁରରେ ଜବର ଦଖଲ ଉଚ୍ଛେଦ ଅଭିଯାନ ଥିଲା ଆଗଠାରୁ ସଂପୂର୍ଣ୍ଣ ଭିନ୍ନ । ବିଭିନ୍ନ ରାଜନୈତିକ ଦଳ, ନେତାମାନଙ୍କ ମୁହଁରେ ତାଲା ପଡ଼ି ଯାଇଥିଲା । କେହି ଉଁ ଚୁ କରିନଥିଲେ । ନୋଟିସ୍ ପାଇଲା ପରେ ବହୁ ଲୋକ ଆପଣାଛାଏଁ ଉଠାଇ ନେଇଥିଲେ ନିଜ ଦଖଲ । ସମସ୍ତେ ଥିଲେ ଶଙ୍କିତ । ସମସ୍ତଙ୍କର ଥିଲା ମିଶ୍ରିତ ପ୍ରତିକ୍ରିୟା ।

ଅଭିଯାନ ପରେ ପରେ ଜେଉଁ ଉଠିଥିଲେ କିଛି ଦଳ, କିଛି ବ୍ୟକ୍ତି । ପଟୁଆର, ସ୍ଲୋଗାନ୍, ସ୍ମାରକ ପତ୍ରର ସୁଅ ଛୁଟିଥିଲା । ଫେକସ୍ ଖଡ଼ାଟଡ଼ାଇ ଥିଲା । ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ଭାରତୀୟ କ୍ଷେତ ମଜଦୁର ୟୁନିଅନ୍, ପଶ୍ଚିମ ଓଡ଼ିଶା ଯୁବ ସଙ୍ଘ, ଜନତା ଦଳ, ବହୁଜନ ସମାଜବାଦୀ ପାର୍ଟି, ଭାରତୀୟ ଜନତା ପାର୍ଟି ଆଦି ପକ୍ଷରୁ ଏବେ ନିଦଭାଙ୍ଗି ପ୍ରତିବାଦ କରାଯାଉଛି । କେତେକ ଖୋପଡ଼ିବସ୍ତି ଭଙ୍ଗା ଅଭିଯାନକୁ ଦେଶ ବିରୋଧୀ କହି ଭଙ୍ଗାଘର ମରାମତି କରି ସ୍ଥାୟୀ ପଟ୍ଟା ଦାନ କରିବାକୁ ଦାବୀ କଲାବେଳେ, କେତେକ ଏ ଅଭିଯାନକୁ କ୍ଷମତାର ଦୁରୁପଯୋଗ, ସରକାରୀ କଳର ତ୍ରୁଟିପୂର୍ଣ୍ଣ ବ୍ୟବହାର ଯୋଗୁଁ

Digitized by srujanika@gmail.com

ଦୋଷୀ ପ୍ରଶାସନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରି କ୍ଷତିପୂରଣ ଓ ଅର୍ଥ ପ୍ରଶାସନରୁ ଆଦାୟ କରିବାକୁ ଦାବୀ କରିଛନ୍ତି । ଥଇଥାନ ପାଇଁ ଜମି ଓ ଆର୍ଥିକ କ୍ଷତିପୂରଣ ଦେବାକୁ ଦାବୀ ହୋଇ ପ୍ରଧାନମନ୍ତ୍ରୀ, ସୁପ୍ରିମ-କୋର୍ଟର ମୁଖ୍ୟ ବିଚାରପତି, ଜିଲ୍ଲାପାଳ ଆଦିଙ୍କୁ ଫେକସ୍, ସ୍ମାରକ ପତ୍ର ପଠାଯାଇଛି । ସମ୍ପ୍ରତି ସହରର ୫୦ ହଜାର ଗରିବ ଲୋକ ଏ ଉଚ୍ଛେଦ ଅଭିଯାନରେ କ୍ଷତିଗ୍ରସ୍ତ ହୋଇଛନ୍ତି । କେତେକ କହୁଛନ୍ତି ଯେ ଯୋଜନାବଦ୍ଧ ଭାବେ ଗଢ଼ିବାକୁ ଚାହୁଁଥିଲେ ସବୁ ଘର ଭାଙ୍ଗିବାର କିଛି ଆବଶ୍ୟକତା ନଥିଲା ।

ସରକାରୀ କଳ ଓ ପ୍ରଶାସନିକ ଅଧିକାରୀମାନଙ୍କ ଏ ସନ୍ଧାନ୍ତରେ ପରସ୍ପର ବିରୋଧାତ୍ମକ ବକ୍ତବ୍ୟ ଲୋକମାନଙ୍କୁ ପ୍ରତାରିତ କରୁଛି । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତାଙ୍କ ଜ୍ଞାପନ ସଂଖ୍ୟା ୭୨୧ ତା ୨୮-୧୦-୯୭ ରେ ଜଣାଇଲେ ଯେ "ଯେଉଁ ଲୋକମାନଙ୍କର ଘର ଓ ଦୋକାନ ଆଦି ଭାଙ୍ଗି ଯାଇଥିଲା, ସେମାନଙ୍କୁ ପ୍ରଶାସନ ତରଫରୁ ଆର୍ଥିକ ସାହାଯ୍ୟ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ଏଥି ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ମୋଟ ୪୫ ଲକ୍ଷ ଟଙ୍କା ହସ୍ତଗତ ହୋଇଛି ବୋଲି ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ହୃଷିକେଶ ପଣ୍ଡା ପ୍ରକାଶ କରିଛନ୍ତି ।" ପୁନଶ୍ଚ ତା ୫-୧୧-୯୭ ଦିନ ଅତିରିକ୍ତ ଜିଲ୍ଲାପାଳ ଜିଲ୍ଲାପାଳଙ୍କ ପକ୍ଷରୁ ଏକ ପ୍ରେସ୍‌ନୋଟ୍‌ରେ ଏହାକୁ ଖଣ୍ଡନ କରି କହିଛନ୍ତି ଯେ " ସମ୍ବଲପୁର ସହରରେ ବନ୍ୟାଜଳର ନିଷ୍କାସନ ପାଇଁ କେତେକ ସ୍ଥାନରେ ନୂତନ ଡ୍ରେନ୍ ନିର୍ମାଣ ପାଇଁ ଓ ପୁରୁଣା ଡ୍ରେନ୍‌ର ପୁନରୁଦ୍ଧାର ପାଇଁ ସରକାର ୪୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି, ମାତ୍ର ଭୁଲ୍ ବଶତଃ ଏହି ଟଙ୍କା ଜବରଦଖଲ ଉଚ୍ଛେଦକାରୀଙ୍କ ଥଇଥାନ ନିମନ୍ତେ ଆସିଛି ବୋଲି ଜଣାଇ ଦିଆଯାଇଛି । କିନ୍ତୁ ବାସ୍ତବରେ ଏହି ଟଙ୍କା ନୂତନ ଡ୍ରେନ୍ ତିଆରି ଏବଂ ପୁରାତନ ଡ୍ରେନ୍‌ର ମରାମତି ପାଇଁ ଉଦ୍ଦିଷ୍ଟ ।" 'ଜନମୁକ୍ତି' କହିଲା "ପ୍ରଶାସନିକ ଅଧିକାରୀ ଶଠ ମାତିରେ ରାଜନେତାଙ୍କୁ ବି ବଳିଗଲେ" । ମୁସ୍ତଫା କହିଲ - "ଅରକ୍ଷିତଙ୍କୁ

Digitized by srujanika@gmail.com

ଦଇବ ଯେତେବେଳେ ଯାହା ହୋଇନଥାଏ, ଏମାନଙ୍କୁ କଏ ପଚ୍ଚରେ । ଆମେତ ନାସ୍ତ ମାଇକନାଠ ବଳ ଗୋଡ଼ ଠେକ ବସିଛୁ, ଯିଏ ଯେମିତି ପାରୁଛ … ”

ସହରର ନାଳନର୍ଦ୍ଦମା ପୋତି ହୋଇଥିବା ଯୋଗୁଁ ପ୍ରଶାସନ ପୌର ପରିଷଦ ଉପରେ ଦୋଷାରୋପ କରୁଥିଲେ ବି ତା’ ବିରୁଦ୍ଧରେ କିଛି ପଦକ୍ଷେପ ନାହିଁ । ଆର.ଡ଼ି.ସି. ଙ୍କ ପ୍ରତ୍ୟକ୍ଷ ଦୋଷାରୋପଣ ପରେ, ଉଚ୍ଛେଦ ଅଭିଯାନ ପରେ ମଧ୍ୟ ପୌର ପରିଷଦର କାର୍ଯ୍ୟରେ କୌଣସି ଉନ୍ନତି ପରିଲକ୍ଷିତ ହୋଇନାହିଁ, ଯାହା ଯେମିତି ଥିଲା ସେମିତି ଅଛି । ଏପରିକି ଖୋଦ ଉପଜିଲ୍ଲାପାଳଙ୍କ ସରକାରୀ ବାସଭବନ ସାମ୍ନାରେ ଥିବା ଭୁତାପଡ଼ାର ଏକ ପକ୍କା ଡ୍ରେନ୍ କେବେଠୁ ପୋତିହୋଇ ପଡ଼ିଛି । ଏଥିପାଇଁ ବାରମ୍ବାର ଦୃଷ୍ଟି ଆକର୍ଷଣ କରି ମଧ୍ୟ ଲାଭ ନାହିଁ । ସମଗ୍ର ସହର ଏକ ମହା ଅଳିଆ ଗଦା ରେ ପରିଣତ । ରାସ୍ତାଘାଟ, ଆଲୁଅ, ପାଣିକଳ, କାହାରି କିଛି ନାହିଁ । ମଶା ପ୍ରାଦୁର୍ଭାବ ବଢ଼ୁଛି । ସହର ଭିତରେ କେତେ ଯେ ଗୁଆଳ ଖଟାଳ, ଅଳିଆ ମାଟିଗଦା, କେତେ ପୋଖରୀକୁ ଦଳ ଖାଇଗଲାଣି ।

ସେହିପରି ଜିଲ୍ଲାପାଳ ଶ୍ରୀମତୀ ଅନୁ ଗର୍ଗଙ୍କ ନାଳ ଓ ଧୋବାଯୋର ଜବର ଦଖଲ ଉଚ୍ଛେଦ ବଦ୍ଳିତର ମାତ୍ର କେଇଦିନ ପରେ ବର୍ଷା ବନ୍ୟା ସହ ସମ୍ପର୍କ ନଥିବା ପାହାଡ଼ୀ ବସ୍ତି ମାୟୁରବଗିଚ୍ଚରେ ଉଚ୍ଛେଦ ଏବଂ ଏହି ସ୍ଥାନ ଜବର ଦଖଲକାରୀଙ୍କ ନାମରେ କରଜ କରାଯାଇ ପାରିବା ଅସମ୍ଭ-ଭବ ବୋଲି କୁହାଯାଇଥିବା ବକ୍ତବ୍ୟ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି । ଯାହା ବାର ଜଣଙ୍କ ଲାଗି ସମ୍ଭବ ହୋଇଛି ତାହା ଶହ-ଶହ ଲୋକଙ୍କ ଲାଗି ଅସମ୍ଭବ କେମିତି ହେଲା । ମାୟୁରବଗିଚ୍ଚରେ ୫୦୦ ରୁ ଅଧିକା ଘର ଥିଲାବେଳେ ମାତ୍ର ୧୫୨ଟି ଘର ଉପରେ ଜବର ଦଖଲ ମାମଲା ରୁଜୁ ହୋଇଛି କପରି ? ୧୯୭୭ ମସିହାରୁ କେତେକ ଜବର ଦଖଲ ମାମଲା ରୁଜୁ ହୋଇ ରହିଛି । ପୁଣି ମୁଖ୍ୟମନ୍ତ୍ରୀଙ୍କ ସମ୍ବଲପୁର ଗସ୍ତର ଦିନକ

Digitized by srujanika@gmail.com

ଆଗରୁ ୪୫ ଲକ୍ଷ ଟଙ୍କା ସାହାଯ୍ୟ ଆସି ଯାଇଛି ବୋଲି କହିବାର ମତଲବ କଣ ଥିଲା ?

ଉଭୟ ପାର୍ଶ୍ୱରେ ଲିଜ୍ ଦିଆଯାଇଥିବା ଜମିର ମଧ୍ୟ ଭାଗରେ ରହିଥିବା ବାସିନ୍ଦାଙ୍କୁ ଉଚ୍ଛେଦ କରାଗଲା କପରି ? ଲିଜ୍ ପାଇଥିବା ଲୋକଙ୍କ ଘର କଣ ଉଚ୍ଛେଦ ହେବ ? ମାଷ୍ଟରବସ୍ତିରୁ କଣ ଏମ୍.ସି.ଏଲ., ସରକାରୀ ଅଫିସ ବା କେତେକ ପ୍ରଭାବଶାଳୀ ବ୍ୟକ୍ତି ବିଶେଷଙ୍କୁ ଆସିବ ନା ବନ୍ଦ କରାଯିବ ? ଅନୁପ୍ରବେଶକାରୀ ହେଉଁ ବାଡ ଚୋରୀ, ବିଭିନ୍ନ ଅପରାଧ ଘଟାଉଥିବା ଲୋକ କଣ ସହର ଭିତରେ ନାହାନ୍ତି ? ସହରର ବିଭିନ୍ନ କେନ୍ଦ୍ର ସ୍ଥଳରେ ପ୍ରଭାବଶାଳୀ ବ୍ୟକ୍ତି, ରାଜନୈତିକ ନେତା, ଉଚ୍ଚ ସରକାରୀ ଅଫିସର, ବ୍ୟବସାୟୀ ରାତାରାତି ଜମିପଟା ପାଇଛନ୍ତି କପରି ? ସହରରେ ଅନେକ ବିବାଦୀୟ କୋଠାଘର ପ୍ରତି ଏ ମାତ୍ର କାର୍ଯ୍ୟକାରୀ ହେଉନାହିଁ କାହିଁକି ? ଉଚ୍ଛେଦ ଆଗରୁ ଥଇଥାନ ବ୍ୟବସ୍ଥା କରାଗଲା ନାହିଁ କାହିଁକି ? ଲୋକଙ୍କୁ ଖୋଲା ଆକାଶବାଣୀ କଲା ପରେ ହୋଲ୍ଡିଂ-ଦାରଙ୍କ ତରଫରେ ଜମିପାଇଁ ଆବେଦନ କରିବାକୁ କହି କଣ ପ୍ରଶାସନ ପୁଣି 'ଅସାମାଜିକ, ଅପରାଧୀ, ଚୋରମାନଙ୍କ' ଏକ ବସ୍ତି ଗଢ଼ିବାକୁ ଚାହୁଁଛି ? ଥଇଥାନ ପାଇଁ ଦିଆଯିବାକୁ ଥିବା ସ୍ଥାନରେ ରାସ୍ତା, ଆଲୁଅ, ପାଣି, ଶିକ୍ଷା ଆଦିର ବ୍ୟବସ୍ଥା କେବେ ହେବ ? ୨୦/୩୦ ବର୍ଷରୁ ଦରଖାସ୍ତ କରି ପାଇନଥିବା ଓ ଅପେକ୍ଷାରେ ଥିବା ଲୋକଙ୍କୁ ଛାଡ଼ି ନୂଆ ଆବେଦନକାରୀମାନେ କଣ ସଙ୍ଗେ ସଙ୍ଗେ ଜମି ପାଇଯିବେ ? ରାତାରାତି ବିଶ୍ୱକର୍ମା ମାଗଣାରେ ଘର ତୋଳି ସେମାନଙ୍କ ଥଇଥାନ କରାଯିବ ? ପ୍ରଶାସନ ବଦନାମ କରିଦେବାରୁ ମାଷ୍ଟରବସ୍ତିରୁ ବାସୀଙ୍କୁ କେହି ଘର ଭଡା ଦେଉନାହାନ୍ତି । କ୍ଷତିପୂରଣ ଦେଇ ନ ପାରି ବହୁ ଲୋକ କୋଠରେ ଆଶ୍ରୟ ନେଇ ନାହାନ୍ତି । ନବାଗତ ଅଧିକାରୀମାନେ କଣ ଜନ-ସାଧାରଣଙ୍କ ଠାରୁ ଦୂରରେ ନାହାନ୍ତି ?

ଆର୍.ଡ଼ି.ସି., ଜିଲ୍ଲାପାଳ ଏ ଯାଏଁ କୌଣସି ସାମ୍ବାଦିକ

Digitized by srujanika@gmail.com

ସମ୍ମିଳନୀ ଏ ସନ୍ଦର୍ଭରେ ଡାକ ନଥିଲା ବେଳେ ନବ ନିର୍ବାଚିତ ନଗରପାଳ ଆନନ୍ଦ ଜେନା ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ସେ ନାଳ ଜବର ଦଖଲ ଉଚ୍ଛେଦ ପାଇଁ କୌଣସି ଆଦେଶନାମାରେ ଦସ୍ତଖତ କରିନାହାନ୍ତି ତଥାପି ସେ ଜବର ଦଖଲ ଉଚ୍ଛେଦକୁ ସ୍ୱାଗତ କରୁଛନ୍ତି (?)

ଏମିତି ଅନେକ ପ୍ରଶ୍ନ ଘେରରେ ଆଣି ପ୍ରଶାସନକୁ କାଠଗଡ଼ାରେ ଠିଆ କରାଇଛି ମାଧୁବଗିଚା । ହେଲେ ଗୋଟାଏ ମୂଳ ପ୍ରଶ୍ନ ସମସ୍ତଙ୍କ ଅଗୋଚରରେ ରହିଯାଉଛି । ଏକ ଖୋଲା ବନ୍ଦ ପରି ପ୍ରଶ୍ନ ।

ଲୋକଶ୍ରୁତି ଅନୁସାରେ ଏବର ମାଧୁବଗିଚା ହେଉଛି ସମ୍ବଲପୁରର ଜନୈକ ରାଜାଙ୍କ ମାଧୁ ବା ପିକନିକ ବଗିଚା । ସେଠାରେ ଥିବା ବିରାଟ ଜଳାଶୟଟି ଏବେ ଏକ ଛୋଟିଆ ବନ୍ଧ ବା ପୋଖରୀ ଆକାରରେ ରହିଛି । ବଗିଚାଟି ସେଠାରୁ ଜଳସେଚିତ ହେଉଥିଲା । ମଝିରେ ପୂର୍ବ ଧୋବାଯୋର ନାଳ ଥିଲା । ବଗିଚାଟି ଏବର ମାଧୁ ବଗିଚା, ଶ୍ରୀରାମପୁର କଲୋନୀ ଓ ମୁସଲିମ କବରଖାନାର ଅଧିକାଂଶ ଅଞ୍ଚଳରେ ବିସ୍ତୃତ ଥିଲା । ପୁରୁଣା ଲୋକମାନେ କହନ୍ତି ଯେ ପୂର୍ବତନ ମାଲିମାନଙ୍କ ବଂଶଧର ମାନେ ପୋଖରୀ ଆଖପାଖ ଅଞ୍ଚଳରେ ବ୍ୟାପକ ପରିମାଣରେ ପନିପରିବା ଚାଷ କରୁଥିଲେ ଓ ଏବର ମାଧୁବଗିଚା ଘୋଡ଼ାର ଡାହାଣ ପଟେ ପରିବାର ଧରି ବସବାସ କରୁଥିଲେ । ବାମ ପଟେ ମାତ୍ର କେଇଟା ଘର ଥିଲା । ଏବର ନୂଆ ପକ୍କା ଘରମାନ ଗତ ୧୦ ବର୍ଷ ଭିତରେ ଗଢ଼ି ଉଠିଥିବା କଥା ବରିଷ୍ଠ ଏଡ଼୍‌ଭୋକେଟ୍ ଶ୍ରୀ ବ୍ରଜବିହାରୀ ଗୁରୁ ପ୍ରକାଶ କରନ୍ତି । ତେଣୁ ସ୍ୱାଧୀନତାର ଅନେକ ପୂର୍ବରୁ ଏଠାରେ ଏକ ଜନବସତି ଥିଲା । ସମ୍ବଲପୁର ସ୍ୱତନ୍ତ୍ର ଯୋଜନା ଏଜେନ୍‌ସି, ଆଞ୍ଚଳିକ ଉନ୍ନୟନ ସଂସ୍ଥା ୧୯୭୬ ରେ ପ୍ରଥମ କରି ଗଠିତ ହେବା ଆଗରୁ ଏଠାରେ ଜନବସତି ରହିଥିଲା ଏବଂ ସେହି ସଂସ୍ଥା ୧୯୯୫ ରେ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ ଗଠନ ବେଳକୁ ଏକ ଜନାକୀର୍ଣ୍ଣ ଅଞ୍ଚଳରେ ପରିଣତ ହୋଇ ସାରିଥିଲା ।

Digitized by srujanika@gmail.com

ଏତେବେ ମାୟାବଗିଚ୍ଛ ଯଦି ଜବର ଜଙ୍ଗଲ ଥିଲା ତେବେ ପୌର ପରିଷଦ ଏଧାକୁ ଏକ ସ୍ୱୀକୃତିପ୍ରାପ୍ତ ଖୋଲପଡ଼ିଆଟିଏ ଭାବେ ଗ୍ରହଣ କରି ସ୍କୁଲ, ୟୁନିସେଫ କାର୍ଯ୍ୟକ୍ରମ ଯୋଗାଇଲା କେମିତି ? ରାସ୍ତାଘାଟ, ପାଣିକଳ, ନଳକୂଅ, ବିଦ୍ୟୁତ, ଷ୍ଟ୍ରୀଟ୍‌ଲାଇଟ, ଟେଲିଫୋନ, ରାସନକାର୍ଡ ଭୋଟରଲିଷ୍ଟ ଆଦିର କେମିତି ସୁବିଧା ହୋଇଲା 'ମାୟା ବଗିଚ୍ଛ' ଟା ? ଯେତେବେଳେ ତହସିଲଦାର, ସମ୍ବଲପୁର ଆଞ୍ଚଳିକ ଉନ୍ନୟନ ସଂସ୍ଥା ଅଥବା ପୌର ପରିଷଦ ଓ ବିଭାଗୀୟ ଭୂଶାସନ କେନ୍ଦ୍ର ତ ଆପତ୍ତି ଉଠାଇ ନ ଥିଲେ । ପରବର୍ତ୍ତୀ ସମୟରେ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ (SDA) ବି ତ କୌଣସି ଆପତ୍ତି କରିନଥିଲା । ଏବେ ସବୁ ପରେ ସବୁକିଛି କେମିତି ହୋଇଗଲା ଏଥିରେ ଏତେଟା ବିସ୍ମୟ କରିବାର କିଛି ନାହିଁ !

ତଥାପି ଅନେକ ବାକି ଅଛି ଏ ମୀନା, ମଦାର, ମକରଧ୍ୱଜ, ମଘାନା, ମଣିପୁରମ, ମୁସ୍ତଫା, ମୁଜିବୁର, ନୋରକେଟା ମାନଙ୍କର । ମଉଳି ଯିବାର ଭୟରେ ନ ଫୁଟିଥିବା ଫୁଲଟିଏ ମୁଁ ଦେଖିନାହିଁ । ଗଭୀର କରୁଣାର ଅନ୍ଧାର ଭିତରେ ଆଶାର କିରଣଟାଏ ତଥାପି ବାକି । ମାୟାର ଭାଷାରେ - " ଆମେ ବନବାସୀ ରାମବାବୁ । ଅଯୋଧ୍ୟା ଛାଡ଼ି ଯାଉଛୁ । ପୁଣି ଫେରିବୁ । " ହେଲେ କେଉଁ ରାବଣକୁ ମାରି ଫେରିବେ ସେମାନେ ? କେଉଁ ରାବଣ ?...

Digitized by srujanika@gmail.com

ଖବର କାଗଜ ଯାହା କୁହେ

— ୩-୧୧-୯୭ ଜନମୁଖ ୧ମ ପୃଷ୍ଠା -

ପ୍ରବଳ ବିରୋଧ ମଧ୍ୟରେ ମାଷ୍ଟ୍ରାବସ୍ତିରୁ ଉଚ୍ଛେଦ । ଜିଲ୍ଲା ପ୍ରଶାସନ ପକ୍ଷରୁ ଏଠିକାର ବସ୍ତିବାସିନ୍ଦାଙ୍କୁ ପୁଟିଦନ୍ତ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜ୍ ପାଖରେ ରହିବାକୁ ସ୍ଥାନ ଦେଖେଇବାକୁ ନିଆଯାଇଥିଲା । ମାତ୍ର ତାହା ରହିବା ଅନୁପଯୋଗି ଓ ବର୍ଷାରେ ବୁଡ଼ିଯିବାର ସମ୍ଭାବନା ଦର୍ଶାଇ ବାସିନ୍ଦାମାନେ ପ୍ରତ୍ୟାଖ୍ୟାନ କରିଥିଲେ ।

— ୫-୧୧-୯୭ ଜନମୁଖ ୧ମ ପୃଷ୍ଠା -

ଅଗଷ୍ଟ ୪ ଦିନ ବନ୍ୟାରେ ଯେଉଁମାନେ କାନ୍ଦିଥିଲେ, ନଭେମ୍ବର ୪ତାରିଖ ଦିନ ଜବର ଦଖଲରେ ସେମାନଙ୍କ ଆଖିରୁ ଆଁ ଲୁହ ବହୁଥିଲା । ୪୫୮ ଘର ମଧ୍ୟରୁ ୨୫ ଗୁଡ଼ିଏ ଆଉସବୁକୁ ଭାଙ୍ଗି ଦିଆଯାଇଥିଲା । (୧୨ ଜଣ ଲିଜ୍ ପାଇଥିଲେ ଓ ୧୩ ଜଣ କୋର୍ଟ ରହିତାଦେଶ ।)

— ୬-୧୧-୯୭ ସମ୍ବାଦ, ୮ପୃଷ୍ଠା -

କ୍ଷତିଗ୍ରସ୍ତ ଦରିଦ୍ର ବାସଗୃହହୀନ ଲୋକଙ୍କୁ ଚିହ୍ନଟ କରି ପୁଟିବନ୍ଧ ଅଞ୍ଚଳରେ ଜମିପଟ୍ଟା ଦେବାକୁ ଆର୍.ଡି.ସି. (R.D.C. ଜିଲ୍ଲା ପ୍ରଶାସନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜମି ଚିହ୍ନଟ ନାମରେ ଚାଲେ ଯୋଗାଇ ଥିଲେ ବି କେହି ଆବେଦନ କରି ନାହାନ୍ତି । ୧୨୫ ଜବର ଦଖଲ କେସ୍ ରଜୁ ହୋଇଛି । ଉଚ୍ଛେଦ ହୋଇଥିବା ଲୋକମାନଙ୍କୁ କ୍ଷତିପୂରଣ ଦେବା ପାଇଁ ନୁହେଁ, ଡ୍ରେନ୍ ପାଇଁ ୪୫ ଲକ୍ଷ ଟଙ୍କା ଆସିଛି, ବୋଲି ଏ.ଡି.ଏମ୍ ଙ୍କ ସ୍ପଷ୍ଟୀକରଣ ।

— ୮-୧୧-୯୭ ଜନମୁଖ ୪ପୃଷ୍ଠା -

Digitized by srujanika@gmail.com

ସି.ପି.ଆଇ. ତରଫରୁ ଶୋଭାଯାତ୍ରା, ଉଚ୍ଛେଦ ବିରୁଦ୍ଧରେ ସଭା। ବସ୍ତିବାସିନ୍ଦାମାନେ ନିଜର ସମସ୍ତ ପୁଞ୍ଜି ବିନିଯୋଗ କରି ଘର କରିଥିଲେ। ଏବେ ନୂଆ ଘର ପାଇଁ ଅର୍ଥ ନାହିଁ। ଗୃହଚ୍ୟୁତ୍ ମହିଳା ଏପରିକି ପୁରୁଷ ମାନେ ଦୁଃଖରେ ଭାଙ୍ଗିପଡ଼ି ଭୋ ଭୋ କାନ୍ଦୁଥିବା ପ୍ରକାଶ।

— ୯-୧୧-୯୭ ଜନମୁଖ ୧ମ ପୃଷ୍ଠା -

ଜନତା ଦଳ ପକ୍ଷରୁ ସାଧାରଣ ସମ୍ପାଦକ ଉଚ୍ଛେଦ ଜନିତ ପ୍ରଶାସନିକ ଅତ୍ୟାଚାର ବିରୁଦ୍ଧରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି, ପ୍ରଧାନମନ୍ତ୍ରୀ ନିକଟକୁ ଫେକ୍ସ୍ ପ୍ରେରଣ। ବହୁଜନ ସମାଜପାର୍ଟି ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦତ୍ତ ସ୍ମାରକରେ କହିଛି - " ସ୍ୱାଧିନତା ପୂର୍ବରୁ ଲୋକମାନେ ରହିଆସୁଛନ୍ତି। ତେଣୁ ସେମାନେ ପଟ୍ଟା ପାଇବାର ହକ୍‌ଦାର। ଝୁମ୍ପୁଡ଼ି ଭାଙ୍ଗିବା ଗଣତନ୍ତ୍ର ବିରୋଧି କାର୍ଯ୍ୟ। ଏହା ଗରିବ ହଟାଓ ନୁହେଁ, ଗରିବ ଭଗାଓ। "

— ୧୧-୧୧-୯୭ ସମ୍ବାଦ ୮ମ ପୃଷ୍ଠା -

ମାଧିବାବରି ସ୍କୁଲ କାହା ପାଇଁ ? ୫ଟି ଶ୍ରେଣୀରେ ୧୩୭ ଜଣ ଛାତ୍ରଛାତ୍ରୀ। ବସ୍ତିଉଚ୍ଛେଦ ପରେ ସ୍କୁଲ ଉପସ୍ଥାପନ ଶୂନ। ୫ ଜଣ ଶିକ୍ଷୟିତ୍ରୀ ସ୍କୁଲ ଖୋଲି ବସିଛନ୍ତି। ବସ୍ତିଉଚ୍ଛେଦର ପ୍ରଭାବ ପେନ୍‌ସନ୍ ପଡ଼ା, ଉର୍ଦ୍ଦୁ ବାଳକ ଓ ବାଳିକା ପ୍ରାଥମିକ ସ୍କୁଲରେ ମଧ୍ୟ ପଡ଼ିଛି। ଯାହା ଫଳରେ କି ଛାତ୍ରଛାତ୍ରୀ ସଂଖ୍ୟା ବହୁମାତ୍ରାରେ କମିଯାଇଛି। ଉର୍ଦ୍ଦୁ ପ୍ରାଥମିକ ସ୍କୁଲ ଛାତ୍ରଛାତ୍ରୀ ସଂଖ୍ୟା ୧୨୨ ରୁ ୫-୭ କୁ କମିଆସିଛି।

— ୧୨-୧୧-୯୭ ସମ୍ବାଦ ୮ମ ପୃଷ୍ଠା -

ବୁଢ଼ାରଜା ଅଞ୍ଚଳର ଭୀମଗଡ଼ ବାସିନ୍ଦାଙ୍କ ଉଚ୍ଛେଦ ପୂର୍ବରୁ ଥଇଥାନ ଦାବୀରେ ଶୋଭାଯାତ୍ରା। ସଂରକ୍ଷିତ ଜଙ୍ଗଲ ଜମିରେ ସ୍ଥାୟୀ-

Digitized by srujanika@gmail.com

ପଟ୍ଟା ପ୍ରଦାନ ଅସମ୍ଭବ ଓ ଅନ୍ୟଥ ଅଇଥାନ୍ କରାଯିବ ବୋଲି, ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।

— ୧୧-୧୧-୯୭ ଜନମୁଖ ୧ମ ପୃଷ୍ଠା -

ବସ୍ତି ଉଚ୍ଛେଦରେ କ୍ଷତିଗ୍ରସ୍ତ ଲୋକେ ଜମିପାଇଁ ଶତାଧିକ ଆବେଦନପତ୍ର ଦାଖଲ କଲେ, ଏବେ ଉଚ୍ଛେଦ ହୋଇଥିବା ସ୍ଥାନଗୁଡ଼ିକ ପ୍ରଭାବଶାଳୀ ବ୍ୟକ୍ତି, ରାଜନୈତିକ ଓ ପୁଞ୍ଜିପତିଙ୍କ ହାତକୁ ଦେଇଦେବା ପାଇଁ ଏ ବସ୍ତି ଭଙ୍ଗା ଅଭିଯାନ ଏକ ସୁପରିକଳ୍ପିତ ଷଡ଼ଯନ୍ତ୍ର ବୋଲି ଜନସାଧାରଣରେ ସନ୍ଦେହ ପ୍ରକାଶ ।

— ୧୭-୧୧-୯୭ ଜନମୁଖ -

ବର୍ତ୍ତମାନ ସହର ଉନ୍ନୟନ କାର୍ଯ୍ୟପାଇଁ ଆବଶ୍ୟକ ଲୋକଶକ୍ତି ବା Man Power ଝୁପୁଡ଼ିବସ୍ତି ମାନଙ୍କରେ ହିଁ ଥାଏ । ଏଣୁ ସେ ଗୁଡ଼ିକର ଉଚ୍ଛେଦ ପରିବର୍ତ୍ତେ ଉନ୍ନୟନ କରାଯିବା ଆବଶ୍ୟକ ବୋଲି ଜନମୁଖ ବୈଠକରେ ସହର ବୁଦ୍ଧିଜୀବୀଙ୍କ ମତ ପ୍ରକାଶ । ଆର୍.ଡ଼ି.ସି. ହେଉଛନ୍ତି, ସବୁଠୁ ବଡ ଜବର ଦଖଲକାରୀ, ତାଙ୍କର ବଙ୍ଗଳା ଜଙ୍ଗଲକବଳ ଜମି ଉପରେ ରହିଛି । ପୌର ପରିଷଦ ଏକ ସ୍ୱୟଂ ଶାସିତ ସଂସ୍ଥା । ଏହାକୁ ନିର୍ଦ୍ଦେଶ ଦେବାର କ୍ଷମତା ଆର୍.ଡ଼ି.ସି ଙ୍କ ନାହିଁ । ପୌର ପରିଷଦ ସେ ନିର୍ଦ୍ଦେଶ ମାନିବାକୁ ବାଧ୍ୟ ନୁହେଁ । ନିଜ ରହିବା ପାଇଁ ଦାରିଦ୍ର୍ୟ ସୀମା ରେଖା ତଳେ ଥିବା ଓ ଅନ୍ୟତ୍ର ଘରଡ଼ିହ ନ ଥିବା ବ୍ୟକ୍ତି ସରକାରୀ ଜମିରେ ଘରକଲେ, ତାହା ଅପରାଧ ନୁହେଁ । ସମ୍ବଲପୁରର ସ୍ୱୀକୃତିପ୍ରାପ୍ତ ବସ୍ତିଗୁଡ଼ିକର ଉନ୍ନୟନ ପାଇଁ ୬୨ କୋଟି ଟଙ୍କାର ଯୋଜନା ହେଉଛି । ଏ ବସ୍ତି ଭାଙ୍ଗିବା ପଛରେ ଏଠାକୁ ୬୨ କୋଟି ଟଙ୍କା ଆସିନପାରିବ, ସେଥିପାଇଁ ବିଧିବଦ୍ଧ ତଦନ୍ତ ହେଉଛି ବୋଲି କହୁ ବକ୍ତା ଜନମୁଖ ବୈଠକରେ କହିଛନ୍ତି ।

Digitized by srujanika@gmail.com

— ୧୮-୧୧-୯୭ ସମ୍ବାଦ ୮ମ ପୃଷ୍ଠା-

ଅଇଁଠାପାଲିରୁ ରେମେଡ଼୍ ଛକ ଭିତରେ ୮୦ଟି ଘର ଭଙ୍ଗାଗଲା ।

- ୧୯-୧୧-୯୭ ଜନମୁଖ ୧ମ ପୃଷ୍ଠା -

ଗୀତାଦେବୀ ଅଗ୍ରୱାଲ ନାମରେ ଥିବା ୫ ମହଲା କୋଠା ଭଙ୍ଗିବା ପାଇଁ ହାଇକୋର୍ଟର ନିର୍ଦ୍ଦେଶ ଥିବା ସତ୍ତେ, ସମସ୍ତ ଝୁପୁଡ଼ି ଭଙ୍ଗା ସରିଥିବା ବେଳେ ତାହାଙ୍କ ଭଙ୍ଗାଗଲା ନାହିଁ । ପୌର କାଉନସିଲ ନିଷ୍ପତ୍ତି ବଳବତ୍ତର ରହିଛି ବୋଲି ସୁରେଶ ପୂଜାରୀଙ୍କ ସ୍ପଷ୍ଟୀକରଣ ।

— ୨୦-୧୧-୯୭ ଜନମୁଖ ୧ମ ପୃଷ୍ଠା -

ମାଝୀ ବଗିଚ୍ଚ ଲୋକେ ଏବେ ଖୋଲା ଆକାଶ ତଳେ । ବର୍ତ୍ତମାନ ସୁଦ୍ଧା ପୋଷ୍ଟମ୍ୟାନ ଚିଠିପତ୍ର, ରେଜିଷ୍ଟ୍ରି, ମନିଅର୍ଡର ଧରି ମାଝୀ ବଗିଚ୍ଚର ଠିକଣା ଥିବା ଲୋକମାନଙ୍କୁ ଖୋଜି ଖୋଜି ହତାଶ ହୋଇ ଫେରିଯିବାକୁ ବାଧ୍ୟ ହେଉଛନ୍ତି ।

— ୨୧-୧୧-୯୭ ଜନମୁଖ ୧ମ ପୃଷ୍ଠା -

ଅଇଁଠାପାଲି ଛକରୁ ରେମେଡ଼୍ ପର୍ଯ୍ୟନ୍ତ ଉଚ୍ଛେଦ କ୍ରିୟାରେ ୩ ହଜାରରୁ ଉର୍ଦ୍ଧ୍ୱ ଲୋକ ଜୀବିକା ହରାଇଲେ । ୫ କୋଟି ଟଙ୍କାର କ୍ଷତି ହେଲା । ୫୦୦ ଦୋକାନ ଯଥା - ଗେରେଜ୍, ବ୍ରସ୍‌କେଟିନ୍, ୱଲ୍‌ଡିଂ, ମୋଟର ପାର୍ଟସ୍ ଦୋକାନ ଓ ମେକାନିକ ତଥା ସେ ଗୁଡିକରେ କାମ କରୁଥିବା ବାଳ ଶ୍ରମିକ, ସ୍ଥାନୀୟ ବେକାର ଯୁବକ ଯେଉଁମାନେ ଛୋଟ ଛୋଟ ଦୋକାନ, ଚା ଓ ପାନ ଦୋକାନ ଓ ଝୁପୁଡ଼ି ହୋଟେଲ କରିଥିଲେ, ସେମାନେ ଏବେ ଉତ୍କଟ ବେକାରୀ କବଳରେ ।

— ୯-୧୨-୯୭ ଜନମୁଖ ୧ମ ପୃଷ୍ଠା -

ଏକମାତ୍ର ପୁନଃଯାଇଥିଲେ ମଧ୍ୟ ଉଚ୍ଛେଦ ହୋଇଥିବା ପରିବାରକୁ

Digitized by srujanika@gmail.com

ଆଜିଯାଏ ଥଇଥାନ କରାଯାଇ ନ ଥିବାରୁ ପ୍ରବଳ ଶୀତ ଓ ଅଦିନିଆ ବର୍ଷା ସତ୍ତ୍ୱେ ବହୁ ବ୍ୟକ୍ତି ଜରି ଆଦି ଟାଣି ସେମାନଙ୍କ ପୁରୁଣା ଭଙ୍ଗା ଘରେ କର୍ମକୁ ଆଦରି ପଡ଼ିରହିଥିବା ଜଣାଯାଇଛି ।

ଅନୁସନ୍ଧାନରୁ ଜଣାଯାଇଛି ଯେ ଅପେକ୍ଷାକୃତ ଆର୍ଥିକ ସ୍ୱଚ୍ଛଳ ଲୋକେ ବିଭିନ୍ନ ଭଡ଼ାଘର ଖୋଜି ବା କିଣି ରହିଯାଇଥିବା ବେଳେ ଦିନ ମଜୁରିଆ ତଥା ଗରିବ ଶ୍ରେଣୀର ଲୋକେ ଏ ଯାଏ ବିକଳ୍ପ ସ୍ଥାନ ନ ପାଇ ନିଜ ପୁରୁଣା ସ୍ଥାନ ଛାଡ଼ିପାରିନାହାନ୍ତି । ଉଚ୍ଛେଦ ବେଳେ ରୋଜଗାରରୁ ବଂଚିତ ହୋଇଥିବା ଦିନ ମଜୁରିଆ ମାନେ ଭଙ୍ଗା ଘରୁ ବଂଚୁଇ ପାଇଥିବା ଖପର, ଇଟା, ବାଉଁଶ ଆଦି ବିକି ଦେଇ ପ୍ରାପ୍ତ ଅର୍ଥରେ କିଛି ଦିନ ଚଳିବା ପରେ ଏବେ ନିଜର ପୁରୁଣା ଧନ୍ଦା ଆରମ୍ଭ କରି ଦେଇଛନ୍ତି । ଏପରିକି ଭଙ୍ଗାଘରେ ଜରିଟାଣି ଷ୍ଟୋର ପରିବା ଦୋକାନ, କିରାନା ଦୋକାନ, ପାନ ଦୋକାନ, ଅଡ୍ଡା, ଚା ଦୋକାନ ସିଲେଇ, ଗେରେଜ୍ ଆଦି ଚାଲିଛି ।

ମୁଖ ନିସୃତ

*** ସମାଜସେବୀ ମୁକ୍ତକଣ୍ଠ ପ୍ରଧାନ :**

* ସରକାର କେବେ ବି ବାସଚ୍ୟୁତଙ୍କୁ ଥଇଥାନ ଦେଇପାରି ନ ଥିବା ବେଳେ ମାପ୍ଟା ବଗିଚ୍ଚ ଉଚ୍ଛେଦ ଦୁଃଖଦାୟକ । ଏ ପ୍ରଶାସନର ଅଧିକାରୀ ଏହି ଅଞ୍ଚଳକୁ ଲିଜ୍ ଦେବେନାହିଁ କି ? ହୀରାକୁଦ ବନ୍ଧରେ କ୍ଷତିଗ୍ରସ୍ତ ଲୋକଙ୍କୁ ପଚାଶ ବର୍ଷ ପରେ ମଧ୍ୟ ନ୍ୟାୟ ମିଳିନାହିଁ । ରେଙ୍ଗାଲି ନଦୀବନ୍ଧ ଯୋଜନା ହେବାର ପନ୍ଦର ବର୍ଷ ପରେ ମଧ୍ୟ କ୍ଷତିପୂରଣ ନ ମିଳିଥିବାରୁ ଲୋକଙ୍କୁ ଆନ୍ଦୋଳନ କରିବାକୁ ପଡ଼ୁଛି, ଏପରି ଅବସ୍ଥାରେ ମାପ୍ଟା ବଗିଚ୍ଚରେ କୌଣସି ପ୍ରକଳ୍ପର ଯୋଜନା ନ ଥାଇ ୪୦-୫୦ ବର୍ଷ ଧରି ବସବାସ କରିଆସୁଥିବା ଗରିବ ଲୋକଙ୍କୁ ବାସ୍ତୁହରା କରିଦେବା ଏକ ପାଶବିକ କାର୍ଯ୍ୟ ।

*** ପ୍ରେମରାମ ଦୁବେ** (କୋଶଳ ପାର୍ଟି ମୁଖ୍ୟ) :

* ରାଜନୈତିକ ଦଳର କର୍ମକର୍ତ୍ତା ଭାବରେ ଏହି ଉଚ୍ଛେଦକୁ ନେଇ ମୋର ଅନ୍ୟମତ ରହିପାରେ ମାତ୍ର ଜଣେ ଆଇନଜ୍ଞ ଭାବରେ ମୁଁ ଏ ଉଚ୍ଛେଦ ପ୍ରକ୍ରିୟାକୁ ସମର୍ଥନ କରୁଛି । ନିର୍ବାଚନ ଓ ଦଳୀୟ ରାଜନୀତିରୁ ଦୂରକୁ ଆସି ଏହାକୁ ସମସ୍ତେ ସ୍ୱାଗତ ଜଣାଇବା ଉଚିତ ।

*** ପଞ୍ଚାନନ ପଣ୍ଡା** (ଜନତା ଦଳ ନେତା ତଥା ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ) :

* ସଂରକ୍ଷିତ ଜଙ୍ଗଲକୁ ଜବର ଦଖଲ ହୋଇଥିବା ବେଳେ ପ୍ରଶାସନ ନୀରବ ରହି ଝୁମ୍ପୁଡ଼ିବାସୀଙ୍କୁ ଉଠେଇବା ଏକ ନିନ୍ଦନୀୟ କାର୍ଯ୍ୟ ।

Digitized by srujanika@gmail.com

* **ବୀରେନ୍ଦ୍ର ପାଣିଗ୍ରାହୀ** (ଜନମୁଖ ସଂପାଦକ)

* ମାସ୍ଥା ବଗିଗୃର ଝୁମ୍ପୁଡ଼ି ଉଚ୍ଛେଦ ଓ କୋର୍ଟର ନିର୍ଦ୍ଦେଶ ସତ୍ତ୍ୱେ ୫ ତାଲ କୋଠା ନ ଭଙ୍ଗିବାବେଳେ ଆଇନ୍ ସମସ୍ତଙ୍କ ପାଇଁ ସମାନ ହୋଇପାରିନାହିଁ ।

* **ହାରାଧନ ମାହାନା :**

* ସହରର ଶ୍ରୀବୃଦ୍ଧି ପାଇଁ ଉଚ୍ଛେଦକୁ ମୁଁ ପୂର୍ଣ୍ଣ ପ୍ରାଣରେ ସମର୍ଥନ କରୁଛି ଏବଂ ଏଥିପାଇଁ ସମସ୍ତେ ପ୍ରଶାସନକୁ ସମର୍ଥନ ଜଣାଇବା ପାଇଁ ଆହ୍ୱାନ କରୁଛି । ଆମ ଘରମାନଙ୍କରେ କମ୍ ପାୱାର୍ ପାଇଁ ବିଦ୍ୟୁତ୍ କଟ୍ ପାଇଁ, ମଶାର ପ୍ରାଦୁର୍ଭାବ ପାଇଁ, ଅସ୍ୱାସ୍ଥ୍ୟକର ପରିବେଶ ପାଇଁ, ପାନୀୟଜଳର ସମସ୍ୟା ପାଇଁ ଏହି ବସ୍ତିବାସିନ୍ଦାମାନେ ଦାୟୀ । ଲୋକେ ଗାଁରେ, ରାଜ୍ୟ ବାହାରେ କାମ ପାଉନାହାନ୍ତି ବୋଲି କଣ ଆମେ ଆମ ସହରକୁ ଡ଼ାକି ଆଣିବା ! ଜବର ଦଖଲକାରୀଙ୍କ ପାଇଁ ଯଦି ଏତେ ଦରଦ ତେବେ ଗାଁ ଗହଳର ବେକାରୀମାନଙ୍କୁ ଜବର ଦଖଲ ପାଇଁ ଡ଼ାକି ଆଣିବା କି ?

* **ଗୋକୁଳ ମେହେର** (ଜଣେ ଶ୍ରମିକ ନେତା) :

* ଦିନଟିଏ ରାତିଟିଏ ନ ମିଶିଲେ ଯେମିତି ଦିବସଟିଏ ହୋଇ-ପାରେ ନାହିଁ, ଠିକ୍ ସେମିତି ବସ୍ତିବାସିନ୍ଦାଙ୍କ ବିନା ସହର କିମ୍ବା ନଗରର କଳ୍ପନା କରାଯାଇନପାରେ । ନଗର ଲୋକମାନଙ୍କର ସୁଖ ସୁବିଧା ପାଇଁ ହିଁ ଏହି ବସ୍ତିବାସିନ୍ଦାମାନେ ନିଜର ଜୀବନ ଦେଇଥାନ୍ତି । ବିଦ୍ୟୁତ୍ ତାର ଟାଣୁଥିବା ଲୋକ, ପାଣିପାଇପ୍ ଲଗାଉଥିବା ଲୋକ, ନାଳନର୍ଦ୍ଦମା ସଫା କରୁଥିବା ଲୋକ, ରାସ୍ତାଘାଟରେ ଚା କପ୍ ଟିଏ କିମ୍ବା ପାନଖଣ୍ଡେ ହାତକୁ ବଢ଼ାଇ ଦେଉଥିବା ଲୋକ, ମିସ୍ତ୍ରୀକାମ କରୁଥିବା ଲୋକ, ରାତି ଅଧରେ ରିକ୍ସାରେ ବା ଅଟୋରେ ରୋଗୀଙ୍କୁ ହସ୍ପିଟାଲ୍ ନେଉଥିବା ଲୋକ ହେଉଛନ୍ତି, ଏହି ବସ୍ତିବାସିନ୍ଦା । ଏମାନଙ୍କୁ ବେଘର କରିବାର, ଏମାନଙ୍କ ବିରୁଦ୍ଧରେ ଲେଖିବା କହିବାର ନୈତିକ ଅଧିକାର

Digitized by srujanika@gmail.com

ଏ ସୁବିଧାବାଦୀ ଲୋକଙ୍କର ନାହିଁ । ଗରିବ ଲୋକଙ୍କର ଉଚ୍ଛେଦ ପରେ ସମ୍ବଲପୁର ନଗରପାଳ ଓ କାଉନ୍‌ସିଲର୍‌ ନୀରବ କାହିଁକି ? ବଲାଙ୍ଗିର ପୌରପାଳିକା ହସ୍ତକ୍ଷେପ ପରେ ବଲାଙ୍ଗିର ଉଚ୍ଛେଦ ହୋଇନଥିବା ବେଳେ ସମ୍ବଲପୁର ନଗରପାଳଙ୍କ ନୀରବତା ସନ୍ଦେହଜନକ ।

*** ହରିହର ଦାସ :**

* ସୁରାଟ ସହରରେ ଏପରି ଉଚ୍ଛେଦ ପୂର୍ବରୁ ଥଇଥାନ, କରିଥିବାବେଳେ, ଏଠାରେ ବିନା ଯୋଜନାରେ ଉଚ୍ଛେଦ ଅନ୍ୟାୟୋଚିତ ।

*** ସୁରେଶ ପୂଜାରୀ** (ପୂର୍ବତନ ନଗରପାଳ) :

* ଜଙ୍ଗଲ କିସମ ଜମିକୁ ଜବର ଦଖଲ କରିଯାଇ ଆର୍‌.ଡ଼.ସି. ବଙ୍ଗଳା ତିଆରି କରାଯାଇଥିବାରୁ ଆର୍‌ ଡ଼.ସି. ହେଉଛନ୍ତି ବଡ ଜବର ଦଖଲକାରୀ । ମାଝିଆକଟିରୁ ଉଚ୍ଛେଦ ପଶ୍ଚାତ୍‌ରେ ଏକ ମୁଖ୍ୟ କାରଣ ହେଉଛି, ଉକ୍ତ ବସ୍ତି ଆର୍‌.ଡ଼.ସି. ବଙ୍ଗଳା ତଳେ ଅବସ୍ଥିତ । ଅତୀତରେ ମଧ୍ୟ ଦୁଇଜଣ ଆର୍‌.ଡ଼.ସି. ଏ ବସ୍ତି ଉଚ୍ଛେଦ ପାଇଁ ପୌରପରିଷଦକୁ ଲିଖିତ ନିର୍ଦ୍ଦେଶ ଦେଇଥିଲେ, ମାତ୍ର ତାକୁ କାର୍ଯ୍ୟକାରୀ କରାଯାଇନଥିଲା । ପୌର ପରିଷଦ ଏକ ସ୍ୱୟଂଶାସିତ ସଂସ୍ଥା । ସେ ଆର୍‌.ଡ଼.ସି.ଙ୍କର ନିର୍ଦ୍ଦେଶ ମାନିବାକୁ ବାଧ୍ୟନୁହେଁ । ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକେ ସରକାରୀ ଜମିରେ ଘର କରି ରହିଥିଲେ, ତାଙ୍କୁ ହଟାଇବାପାଇଁ ଏକ ନିର୍ଦ୍ଦିଷ୍ଟ ଆଇନ୍‌ ରହିଛି । ମାତ୍ର ସେ ଆଇନ୍‌ ଉପେକ୍ଷା କରାଯାଇ ସେମାନଙ୍କ ଘରସବୁ ଯେଉଁଭଳିଭାବେ ଭାଙ୍ଗିଦିଆଯାଇଛି, ଏଥିପାଇଁ କୋର୍ଟର ଆଶ୍ରୟନେଲେ ପ୍ରଶାସନିକ ଅଧିକାରୀମାନଙ୍କୁ ଜେଲ୍‌ ଭୋଗିବାକୁ ପଡ଼ିବ ।

Digitized by srujanika@gmail.com

*** ସୁବାଷଚନ୍ଦ୍ର ନାୟକ** (ଜନମୁଖ ବଜର୍ଗର ଆବାହକ) :

କେବଳ ସମ୍ବଲପୁର ନୁହେଁ ବହୁ ସହରର ସୌନ୍ଦର୍ଯ୍ୟବୃଦ୍ଧି ନାମରେ ଝୁମ୍ପୁଡ଼ି ଉଚ୍ଛେଦ ହେଉଛି । ଏହା କରିବାକୁ ନେତୃତ୍ୱ ନେଉଥିବା ପ୍ରଶାସନିକ ଅଧିକାଂଶ ଜଣେ ସାହିତ୍ୟିକ । ସେମାନେ ସାହିତ୍ୟ ରଚନା ସମୟରେ ଜଣେ ସମ୍ବେଦନଶୀଳ ମଣିଷ ଭାବରେ ଦେଖେଇ ହେଉଥିବା ବେଳେ ପ୍ରଶାସନିକ ହିସାବରେ ଏପରି ଅମାନବିକ ନିଷ୍ଠୁର, ବର୍ବରୋଚିତ କାମ କରିବା ପାଇଁ ପଛଘୁଞ୍ଚା ନ ଦେବା ଦୁର୍ଭାଗ୍ୟଜନକ ଅଟେ । ତାଙ୍କର ଦୁଇଗୋଟି ଛବି ତାଙ୍କ ହିପୋକ୍ରେସିର ପରିଚୟ ବହନ କରିଥାଏ ।

*** ଗୋବିନ୍ଦ ନାରାୟଣ ଅଗ୍ରୱାଲ** (ଆଇନଜ୍ଞ)

ସହରର ସୌନ୍ଦର୍ଯ୍ୟ ପାଇଁ ଏ ଉଚ୍ଛେଦ ଆବଶ୍ୟକ ଥିଲା ।

*** ବୃନ୍ଦାବନ ମାଝୀ** (ଜିଲ୍ଲା ପରିଷଦ ଅଧ୍ୟକ୍ଷ) :

ଉଚ୍ଛେଦ ଅଭିଯାନ ଜିଲ୍ଲା ତଥା ଜିଲ୍ଲା ବାହାରେ ଚାଲିଥିବା ବେଳେ ଗ୍ରାମାଞ୍ଚଳରୁ ପେଟ ବିକଳରେ ପଳେଇଆସି ସହରରେ ଖାଇକାଟିଏ ଖୋଜୁଥିବା ଲୋକଙ୍କୁ ବାସ୍ତୁହରା ନ କରି ପୁଣି ଥଇଥାନ କରାଯିବା ଉଚିତ୍ । ଏ ଦିଗରେ ନାଗରିକ କମିଟିର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

*** ରବି ପଟ୍ଟନାୟକ** (ଜିଲ୍ଲା କଂଗ୍ରେସ ସଭାପତି) :

ଆର୍.ଡ଼ି.ସି., ଜିଲ୍ଲାପାଳ ଆଦିଙ୍କ ପରିବାର ବୋଲି କିଛି ନ ଥିବାରୁ ସେମାନେ ଘର ଉଚ୍ଛେଦ ଦୁଃଖ ଅନୁଭବ କରିପାରୁ ନାହାନ୍ତି ।

*** ଶିବଶଙ୍କର ବାଘ** (ଦଳୀୟନେତା) :

ଏ ବସ୍ତି ଉଚ୍ଛେଦ, ଦଳିତବର୍ଗଙ୍କୁ ଯୁଗ ଯୁଗ ଧରି ସହରରୁ ଦୂରରେ ରଖିବାର ଏକ ଚକ୍ରାନ୍ତ । ଏହା " ଗରିବ ହଟାଓ ନୁହେଁ, ଗରିବ ଭଗାଓ " ।

Digitized by srujanika@gmail.com

* ପ୍ରଫେସର ଦୁର୍ଗାପ୍ରସାଦ ନାୟକ (ବଶିଷ୍ଟ ବାମପନ୍ଥୀ ନେତା) :

ଆମଦେଶରେ ପଚୃଶ ବର୍ଷ ଭିତରେ ବଭିନ୍ନ ପ୍ରକଳ୍ପ ଯୋଗୁଁ ଦୁଇକୋଟି ଲୋକ ଉଦ୍‌ବାସ୍ତୁ ହୋଇଥିବା ବେଳେ ମାତ୍ର ୨୩ ଲକ୍ଷ ଲୋକ ଥଇଥାନ ହୋଇଛନ୍ତି । ଏଣୁ ଥଇଥାନ କୌଣସି ସରକାର ପାଇଁ ଅସମ୍ଭବ ଥିବାବେଳେ ଉଚ୍ଛେଦ କରିବା ଏକ ଅମଣତାନ୍ତ୍ରିକ ଔଷଧ ଛଡ଼ା ଆଉ କିଛି ନୁହେଁ ।

* ଉର୍ମିଳା ପାଣ୍ଡେ

ମାୟାବଗିଚାର ୧୫୨ ଟି ଘର ଖୋମ୍ପୁଡ ନୁହେଁ । ଝୁମ୍ପୁଡ଼ି ଓ ଘରଗୁଡ଼ିକୁ କାଶ୍ୟପ ସମ୍ପତ୍ତି ନଷ୍ଟ କରାଯାଇଛି ।

* ଜ୍ୟୋତିର୍ମୟ ଦେ (ଭ.ଜ.ପା. ଯୁବମୋର୍ଚ୍ଚାର ସଭାପତି) :

ଏ ଉଚ୍ଛେଦ କର୍ମକରି ଜିଲ୍ଲାପାଳ ଓ ଆର୍.ଡ଼.ସି. ଚଳପ୍ତରର ପୋଲିସ୍ ସଦୃଶ ନଜର ଉପସ୍ଥିତ ଜାହିର୍ କରୁଛନ୍ତି ।

* ପୀତାମ୍ବର (କବି) :

ଡ଼କ୍ଟର ହୃଷିକେଶ ପଣ୍ଡା ସାହିତ୍ୟ ଭିତରକୁ ପଶିଆସିଥିବା ଏକ ଅସୁର । ଏକ ସାହିତ୍ୟିକ ବିଷୟ ଆମକୁ ବେଘର କରିଦେଲା ।

* କିଛି ଉର୍ଦ୍ଧ ଦକ୍ଷ ଠିକାଦାର :

ଆର୍.ଡ଼.ସି. ଙ୍କ ପରି ଆଉ ୮-୧୦ ଜଣ ଅଫିସର ହେଲେ ଏ ରାଜ୍ୟଟା ସୁଧୁରିଯାଆନ୍ତା । ମାୟାବଗିଚା ଉଚ୍ଛେଦ କରି ଗୋଟିଏ ଚମତ୍କାର କାମ କରିଦେଲା ଏହି ଆର୍.ଡ଼.ସି. ।

* କନୈକ ବିରୋଧୀ ଦଳର ନେତା :

ମାୟାବଗିଚା କଥା ! ହଁ, କଂଗ୍ରେସର ଭୋଟବ୍ୟାଙ୍କ ଥିଲା । ଭଲ

Digitized by srujanika@gmail.com

ହେଲା ଭାଙ୍ଗିଗଲା । ଲୋକଙ୍କ ଅବସ୍ଥା ଦେଖିଲେ ଅବଶ୍ୟ କଷ୍ଟ ଲାଗୁଛି କିନ୍ତୁ କଂଗ୍ରେସଙ୍କୁ ଭୋଟ୍ ଦିଅନ୍ତି ବୋଲି ମନେ ପଡ଼ିଲେ କଷ୍ଟ ଲାଘବ ହେଉଛି ।

* ଶିକ୍ଷାବିତ୍ ନିରୁପମା ବଡ଼ପଣ୍ଡା :

ରାସ୍ତା ଚଉଡ଼ା ଓ ନାଳନର୍ଦ୍ଦମା ପାଇଁ ଜବର ଦଖଲ ଓ ଉଚ୍ଛେଦ । ତାହା ହେଲେ ମାସ୍ତାବଗିଚ୍ଛ ଉଠାଇବାର କୌଣସି ଯଥାର୍ଥତା ନ ଥିଲା । ତାହା ମୁଖ୍ୟରାସ୍ତା ନ ଥିଲା ବା ଜଳ ନିଷ୍କାସନରେ ଏ ବସ୍ତି ଅସୁବିଧା ମଧ୍ୟ କରୁନଥିଲା । ସେଠି ସବୁପ୍ରକାର ସରକାରୀ କାର୍ଯ୍ୟକ୍ରମ ଚଳା-ଯାଉଥିବା ସମୟରେ ଏ ଉଚ୍ଛେଦ ଅତ୍ୟାଚାର ଛଡ଼ା ଅନ୍ୟ କିଛି ନୁହେଁ । ସହରର ସ୍ୱାକ୍ଷରତା ଅଭିଯାନ, ଡ଼ି:ପି:ଇ:ପି: (D.P.E.P) ର ଶିକ୍ଷା କାର୍ଯ୍ୟକ୍ରମ ଏହି ବସ୍ତି ଗୁଡ଼ିକରେ ଚାଲେ (ଅନ୍ୟ ଜାଗାରେ ନୁହେଁ) । ଏହି ଉଚ୍ଛେଦ ଯୋଗୁଁ ସେ କାର୍ଯ୍ୟକ୍ରମ ଉପରେ ଗଭୀର ପ୍ରଭାବ ପଡ଼ିବ । ଗ୍ରାମାଞ୍ଚଳରେ ପାଠପଢ଼ା ପାଇଁ ସ୍କୁଲ୍ ଘର ଓ ଶିକ୍ଷକ ନ ଥିବା ବେଳେ ୧୦୦ ରୁ ଅଧିକ ଛାତ୍ରଛାତ୍ରୀ ଥିବା ସ୍କୁଲ୍‌କୁ, ଏ ଉଚ୍ଛେଦ ଅଭିଯାନ କରି ଅଚଳ କରିଦେବା ପ୍ରଶାସନିକ ଦଳର ଏକ ମୁର୍ଖାମୀ । ଏହା ଫଳରେ ଶହଶହ ଛାତ୍ରଛାତ୍ରୀଙ୍କ ବିଦ୍ୟାଗ୍ରହଣରେ ବାଧା ଦିଆଗଲା, ଯାହାର ଭରଣା କରିବା ଅସମ୍ଭବ ଅଟେ । ବସ୍ତିର ନିରନ୍ନ, ନିଃସ୍ୱ, ଉଦ୍‌ବାସ୍ତୁ ଗରିବ ମାନଙ୍କର ଛୁଆମାନେ ପାଠ ନ ପଢ଼ନ୍ତୁ ବୋଲି ପ୍ରଶାସନ ଚାହେଁ କି ?

* ଆନନ୍ଦ ଜେନା (ନଗରପାଳ) :

ଜବର ଦଖଲ ଉଚ୍ଛେଦ ପାଇଁ କୌଣସି ଆଦେଶନାମାରେ ମୁଁ ସ୍ୱାକ୍ଷର କରିନାହିଁ, କିନ୍ତୁ ଏ ଉଚ୍ଛେଦକୁ ସ୍ୱାଗତ କରୁଛି । ମୁଁ ବା କ'ଣ କରିପାରେ ଏହା ଏକ ପ୍ରଶାସନିକ କାର୍ଯ୍ୟକ୍ରମ ।

Digitized by srujanika@gmail.com

ମୃତ ଲୋକଙ୍କ ସହର ସମ୍ବଲପୁର

ଜବର ଦଖଲ ଉଚ୍ଛେଦ ସମ୍ବନ୍ଧରେ କୁମାର ଦାସନ୍‌ଙ୍କ ମାସିକ ସତ୍ୟପାଠ ପଢ଼ିଲେ, ପଢ଼ିଲେ ଦୈନିକ ଖବରକାଗଜରେ ପ୍ରକାଶିତ କିଛି ଘଟଣାବଳୀର ବିବରଣୀ, ବିଭିନ୍ନ ବର୍ଗର ଲୋକଙ୍କ ମୁହଁରେ ଫୁଟିଥିବା ପ୍ରତିକ୍ରିୟା । ଏସବୁ ଭିତରେ ଆଉ କୋଡ଼ାଏ ଉଲ୍ଲେଖନୀୟ ନ ହେଲେ ମଧ୍ୟ ଦୃଷ୍ଟି ଆକର୍ଷଣକାରୀ କଥା ହେଲା C.P.I. ର ଶୋଭାଯାତ୍ରା ସଭା, ଦାବୀପତ୍ର ପ୍ରଦାନ, ଭାଜପାର ଦାବୀପତ୍ର ପ୍ରଦାନ, ଜନତାଦଳର ଜୈନେକ କର୍ମକର୍ତ୍ତାଙ୍କ ବିବୃତିପତ୍ର, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଫେକ୍‌ସ୍ ପ୍ରେରଣ, ସୌମ୍ୟ ପାଣିଗ୍ରାହୀଙ୍କ ନେତୃତ୍ୱରେ ରାମଗଡ଼ର ଶୋଭାଯାତ୍ରା, ଜୟଶ୍ରୀ ମିଶ୍ରଙ୍କ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ, ଗୋକୁଳ ମେହେର, ପୂର୍ବତନ ନଗରପାଳ ସୁରେଶ ପୂଜାରୀଙ୍କ କିଛି ଟାଣୁଆ କାଗଜୀ ମନ୍ତବ୍ୟ, ପଶ୍ଚିମଓଡ଼ିଶା ଯୁବ ସଭାର ଉଚ୍ଛେଦ ପ୍ରକ୍ରିୟାକୁ ନିନ୍ଦା ଓ କ୍ଷତିପୂରଣ ତଥା ଥଇଥାନର କାଗଜୀ ଦାବୀ, ଜନମୁଖ ବିତର୍କ ।

୧) ଉଚ୍ଛେଦକୁ ନେଇ ସାଧାରଣ ଜନତାଙ୍କ ଭିତରେ ଉଚ୍ଛେଦପୂର୍ବରୁ ବିଶେଷ କିଛି ପ୍ରତିକ୍ରିୟା ନ ଥିଲା ନେତୃବୃନ୍ଦ, ବୁଦ୍ଧିଜୀବୀଙ୍କ ନିର୍ଦ୍ଦିଷ୍ଟ ମତାମତ ନ ଥିଲା କହିଲେ ଚଳେ । (ସପକ୍ଷରେ, ବିପକ୍ଷରେ କିମ୍ବା ବିଚାର ଚରମତା ଭିତରେ ଥିବା ଉଚ୍ଛେଦ ପୂର୍ବରୁ ଥଇଥାନର ଦାବୀ ସମ୍ପର୍କରେ)

୨) ଉଚ୍ଛେଦର ପରବର୍ତ୍ତୀ ଅବସ୍ଥା କଣ ହୋଇପାରେ, ତାର ପରିଣତିରେ କେଉଁମାନେ କ୍ଷତିଗ୍ରସ୍ତ ହେବେ, ସେମାନଙ୍କ ପାଇଁ କଣ କରାଯିବା ଉଚିତ, ସେମାନଙ୍କ ପ୍ରତି ଆମର ଦାୟିତ୍ୱ ଓ କର୍ତ୍ତବ୍ୟ ଅଛି କି ନାହିଁ, ଥିଲେ ସେଇଟା କଣ, ସେ ସମ୍ବନ୍ଧରେ କୌଣସି

Digitized by srujanika@gmail.com

ରାଜନୈତିକ ନେତୃବୃନ୍ଦ, ସ୍ୱେଚ୍ଛାସେବୀ ସଂଗଠନ, ସାମାଜିକ କର୍ମକର୍ତ୍ତା, ବୁଦ୍ଧିଜୀବି କିଛି ମଧ୍ୟ ଭାବିନଥିଲେ । ଏପରିକି ପ୍ରସ୍ତୁତିରୂପେ ଚର୍ଚ୍ଚାଟିଏ ଆରମ୍ଭ ହୋଇନଥିଲା ।

୩) ଉଚ୍ଛେଦର ଚରମ ପରିଣତି ଥିଲା ମାୟୁଆବଗିଚ୍ଚ ଉଚ୍ଛେଦ । ତାକୁ ଆହୁରି ଚରମ ନିଷ୍ଠୁରତାର ଲେପ ଦେଇଥିଲା ଅଇଁଠାପାଳି ଛକରୁ ରେମେଡ଼ି ପର୍ଯ୍ୟନ୍ତ ହୋଇଥିବା ଉଚ୍ଛେଦ ପ୍ରକ୍ରିୟା । ଉଚ୍ଛେଦ ପ୍ରକ୍ରିୟାକୁ ବିରୋଧ କରାଯିବ କି ନାହିଁ ସେ ନେଇ ସମସ୍ତଙ୍କ ମନରେ ଦ୍ୱନ୍ଦ ଥିଲା । (ଦ୍ୱନ୍ଦର କାରଣ ଅନେକ ହୋଇପାରେ) । ସବୁ ଧ୍ୱଂସ ପାଇଗଲା ପରେ କିଛି ଲୋକଙ୍କ ମନରେ ଚେତା ପଶିଲା । ଏ ପ୍ରକ୍ରିୟା ଚାଲିଥିଲା-ବେଳେ କାହିଁ ଘିଁ ପ୍ରତିବାଦ, ପ୍ରେସ୍ ବିବୃତି ଛଡ଼ା ଆଉ କଣ ବା ହୋଇଥିଲା ? ପ୍ରଶାସନ କଳର ଏହି ଅମାନବୀୟ ଅତ୍ୟାଚାରକୁ ନେଇ ଏ ସହର ଏତେ ନୀରବ ରହିଥିଲା କାହିଁକି ? ଏଠିକାର ନିର୍ବାଚିତ ପ୍ରତିନିଧି (ନଗରପାଳ, କାଉନ୍ସିଲର, ମନ୍ତ୍ରୀ) ରାଜନେତା, ବିରୋଧି ଦଳଗୁଡ଼ିକର ନେତାଗଣ, ବୁଦ୍ଧିଜୀବି, ସ୍ୱେଚ୍ଛାସେବୀ ସଂଗଠନ, ଯୁବନେତା, ଲୋକସଂଗଠକମାନେ ଏତିକମାତ୍ରାରେ ପ୍ରତିକ୍ରିୟାହୀନ ହେବାର କାରଣ କଣ ହୋଇପାରେ । ହୋଇପାରେ ତ ଅନେକ କିଛି କିନ୍ତୁ ସେ ଭିତରୁ କେତେକ ସତ୍ୟ ଓ ଅର୍ଦ୍ଧସତ୍ୟ କାରଣ :-

୧) ଏ ଉଚ୍ଛେଦରେ ଯେଉଁ ବର୍ଗର ଲୋକମାନଙ୍କର ଜୀବନ ଜୀବିକା ଉଜୁଡ଼ିଗଲା, ସେ ବର୍ଗର ପ୍ରତିନିଧିତ୍ୱ କରିବାପାଇଁ ରାଜନେତା, ବୁଦ୍ଧିଜୀବି, ସ୍ୱେଚ୍ଛାସେବୀ ସଂଗଠନ, ଯୁବ ଓ ଲୋକ ସଂଗଠନ ସମ୍ବଲପୁର ସହରରେ ନାହାନ୍ତି । ଏ ଉଜୁଡ଼ା ପରିବାର ବଞ୍ଚିରହିବାର ସ୍ୱାର୍ଥରେ ଏମାନେ ନିଜକୁ Identified କରି ପାରୁନାହାନ୍ତି । ବ୍ୟକ୍ତିଗତ, ଗୋଷ୍ଠୀଗତ ସ୍ତରରେ ଏମାନଙ୍କର ବିଶେଷ କିଛି କ୍ଷତି ଘଟୁନାହିଁ । ଏମାନେ ତାଙ୍କର କେହି ନୁହନ୍ତି ।

୨) କ୍ଷତିଗ୍ରସ୍ତ ହେଉଥିବା ବର୍ଗଟି କିଏ :- ଗରିବ ଖଟିଖିଆ,

Digitized by srujanika@gmail.com

ମୂଲିଆ, ମିସ୍ତ୍ରୀ, ରିକ୍ସାବାଲା, କମାର, କୁମ୍ଭାର, ଗ୍ୟାରେଜମିସ୍ତ୍ରୀ, କଂସେଇ, ପାନଦୋକାନୀ ଚା ଦୋକାନୀ, କୁଲି, ରେଜା, ଅଟୋଚାଳକ, ମେହେନ୍ତର, ଶିକ୍ଷିତ, ଅର୍ଦ୍ଧଶିକ୍ଷିତ, ବେକାର ଯୁବକ, ଯେଉଁମାନେ ଝୁପୁଡ଼ି ହୋଟେଲ, ଛୋଟ ଛୋଟ ଦୋକାନ ଦେଇଥିଲେ, ସେଠି କର୍ମରତ ବାଳଶ୍ରମିକ, ଫକିର ଓ ବହିରାଗତ ବିହାରୀ ତଥା ଆଦିବାସୀ ହରିଜନ - ଯେଉଁମାନଙ୍କ ପାଖରେ ସମ୍ବଳନାହିଁ ସମ୍ପଦ ନାହିଁ । କର୍ମବର୍ଦ୍ଧିଷ୍ଣୁ ସମ୍ବଲପୁରର ସମସ୍ତ ଉନ୍ନୟନ କାର୍ଯ୍ୟପାଇଁ ଆବଶ୍ୟକୀୟ ଲୋକଶକ୍ତି ଏହି ଝୁପୁଡ଼ିପଟିର ବାସିନ୍ଦାମାନେ । ଏ ସହରର ଉଚ୍ଚ ବର୍ଗରୁ ଆରମ୍ଭକରି ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ସମସ୍ତ ପରିବାର, ସମସ୍ତ ସରକାରୀ କର୍ମଚାରୀଙ୍କ ପାରିବାରିକ ଜୀବନକୁ ସୁଖମୟ ଓ ସୌନ୍ଦର୍ଯ୍ୟମୟ କରିବାପାଇଁ ଯେଉଁମାନେ ସଦାସର୍ବଦା ଖଟିଚାଲିଛନ୍ତି, ସେମାନଙ୍କୁ ଏ ତଥାକଥିତ ରାଜନୈତିକ ଦଳର ନେତୃବୃନ୍ଦ, ଲୋକ ସଂଗଠନ, ସରକାର ଓ ପ୍ରଶାସନ କେବେ ବି ଅନ୍ତରଙ୍ଗତାର ସହ ଏ ସହରର ମଣିଷ ରୂପେ, ନାଗରିକ ରୂପେ ଗଣୁନଥିଲେ କି ଗଣୁନାହାନ୍ତି ।

୩) କିଛି ଲୋକଙ୍କପାଇଁ ‘ମାସ୍ତାନଗିରି’ ଚୋର, ଡକାୟତ, ବେଶ୍ୟାମାନଙ୍କ ବସ୍ତି । ସେଥିପାଇଁ ଏଠିକାର ସହରୀମାନେ ଏ ବସ୍ତିର ବାସିନ୍ଦାଙ୍କୁ ଘୃଣା କରୁଥିଲେ । ଏପରିକି ଏହାକୁ ଏକ କ୍ରିମିନାଲ ବସ୍ତି ବୋଲି ଆଖ୍ୟାୟିତ କରି ଏହାର ଧ୍ୱଂସକୁ କୌତୁହଳତାର ସହିତ ଅପେକ୍ଷା କରିଥିଲେ । କିନ୍ତୁ ତ ଏହା ଉଚ୍ଛେଦ ହେଲେ ଏଠି ବୋମା ବିସ୍ଫୋରଣ, ଗୁଳିଚାଳନା, ରକ୍ତପାତ ହେବବୋଲି ଆଶଙ୍କାକରି କହୁଥିଲେ, “ କ୍ରିମିନାଲମାନେ କଣ ଏତେ ସହଜରେ ଏ ବସ୍ତିକୁ ଛାଡ଼ିଦେବେ ” ?

୪) କିଛିଲୋକ ଏହାକୁ କଂଗ୍ରେସଦଳର ଭୋଟ୍‌ବ୍ୟାଙ୍କ୍ ବୋଲି ଭାବୁଥିଲେ ଏବଂ ଏହା ଭାଙ୍ଗିଗଲେ କଂଗ୍ରେସର ଏକ ଦୁର୍ଗ ପତନ ହେବ-ବୋଲି କୁରୁଳି ଉଠୁଥିଲେ ।

Digitized by srujanika@gmail.com

୫) ଏ ସହରର ଲୋକେ ସମ୍ବେଦନଶୀଳତା ହରେଇ ବସିଲେଣି । ନିର୍ବାଚିତ ପ୍ରତିନିଧି କାଉନ୍‌ସିଲରଠୁ ଆରମ୍ଭ କରି, ନଗରପାଳ ଅଧ୍ୟକ୍ଷ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ଓ ପ୍ରଶାସନ ପାଖରେ ମାନବିକତା ବୋଲି କିଛି ନାହିଁ । ମନୁଷ୍ୟ ମଧ୍ୟରେ ନିହିତ ସାଧାରଣ ଦୟା, ଅନୁକମ୍ପା କରୁଣା ବୋଲି କିଛି ଏମାନଙ୍କ ଭିତରେ ନାହିଁ ।

୬) ଏ ସହର ଦ୍ରୁତଗତିରେ ପ୍ରତିବାଦହୀନ ହୋଇଯାଉଛି ।

କିଛି ବ୍ୟକ୍ତିଙ୍କ ମଧ୍ୟରେ କେଉଁଠି ଟିକିଏ ଅଧେ ବିବେକ ବିଶାଏ ଅଧେ ଆତ୍ମା ବଞ୍ଚିଥିଲି । ସେମାନଙ୍କୁ ଶୋଭାଯାତ୍ରା ନିନ୍ଦାବାଦ, କ୍ଷତିଗ୍ରସ୍ତଙ୍କୁ ଥଇଥାନ ପାଇଁ ଦାବୀ କରିବାକୁ ବାଧ୍ୟ କରିଥିଲା ବସ୍ତି ଉଚ୍ଛେଦର କରୁଣ ଚିତ୍ର । ମାୟୁାବଗିଚ୍ଛ ଉଚ୍ଛେଦ ହେବ ବୋଲି ବହୁ ଆଗରୁ ଏଠିକାର ରାଜନୈତିକ ଦଳ, ନେତୃବୃନ୍ଦ, ବୁଦ୍ଧିଜୀବି, ସାମାଜିକ କର୍ମିକର୍ତ୍ତାମାନଙ୍କୁ ଜଣାଥିଲା । ସେତେବେଳେ ମାୟୁାବଗିଚ୍ଛର ଲୋକଙ୍କୁ ସଂଗଠିତ କରିବାପାଇଁ ସଭାସମିତି, ବୈଠକ କରାଯାଇଥାନ୍ତା, ମିଳିତଭାବରେ ସମସ୍ତଙ୍କ ପାଇଁ ଆଇନତଃ ଲଢ଼େଇ କରାଯାଇଥାନ୍ତା, ଏ ଉଚ୍ଛେଦକୁ ନେଇ ନାଗରିକ କମିଟି ଆଲୋଚନାରେ ବସିଥାନ୍ତା, ରାଜନୈତିକ ଦଳମାନେ ନିଜର ରଣନୀତି ଠିକ୍ କରିଥାନ୍ତେ, ଆର୍.ଡ଼.ସି. ଜିଲ୍ଲାପାଳଙ୍କ ପାଖରେ ନିଜର ମତାମତ ରଖିଥାଆନ୍ତେ, ଉଚ୍ଛେଦ ପୂର୍ବରୁ ଅନଶନ ଗଣଧାରଣା ଘେରାଉ, ଶୋଭାଯାତ୍ରା, ବନ୍ଦ ପ୍ରଭୃତି କରାଯାଇ-ଥାଆନ୍ତା, ସହରର କାଉନ୍‌ସିଲର୍‌ମାନେ ବସି ଏ ବିଷୟରେ ଏକ (Relosution) ନିଷ୍ପତ୍ତି ନେଇପାରିଥାନ୍ତେ ଏବଂ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇପାରିଥାନ୍ତେ । ଉଚ୍ଛେଦ କାର୍ଯ୍ୟକ୍ରମକୁ ବନ୍ଦ କରିପାରିଥାନ୍ତେ କିମ୍ବା ସେମାନଙ୍କୁ କ୍ଷତିପୂରଣ ସହିତ ଥଇଥାନ କଲାପରେ ଉଚ୍ଛେଦ କାମ ଆରମ୍ଭ ହେଉ ବୋଲି ଚାପ ସୃଷ୍ଟି କରିପାରିଥାଆନ୍ତେ ଓ ସେହି ମାୟୁା ବଗିଚ୍ଛରେ ହିଁ ତାଙ୍କ ପାଇଁ ଘରଦ୍ୱାର ପଛାଦେବା ବ୍ୟବସ୍ଥା କରିପାରିଥାଆନ୍ତେ । କଣ ନିର୍ବାଚିତ ଅଧ୍ୟକ୍ଷ, କାଉନ୍‌ସିଲରମାନେ

Digitized by srujanika@gmail.com

ଏ ଉଚ୍ଛେଦ ହେଉବୋଲି ନିଷ୍ପତ୍ତି ନେଇଥିଲେ ? ପ୍ରଶାସନ ହିଁ ଏ ଉଚ୍ଛେଦ କରିଛି ବୋଲି କହିଦେଲେ ଏ ନିର୍ବାଚିତ ପ୍ରତିନିଧିଙ୍କ ଦାୟିତ୍ୱ ସରିଯାଉନାହିଁ । ଏମାନଙ୍କ ସମର୍ଥନ ବିନା (ନୀରବ ହେଉ କି ମୁଖର) ଏ ଧ୍ୱଂସଲୀଳା ସମ୍ଭବ ନୁହେଁ । ସହରବାସୀ ଲୋକ, ରାଜନୈତିକ ନେତାଗଣ, ବୁଦ୍ଧିଜୀବୀଙ୍କ ନୀରବ ସମର୍ଥନ ରହିଥିଲା କହିଲେ କିଛି ଅତ୍ୟୁକ୍ତି ହେବନାହିଁ । ନ ହେଲେତ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେବା-ଦିନ ବି.ଜେ.ପି, ଜନତା, ସି.ପି.ଆଇ, ବି.ଏସ୍.ପି, କୋଶଳପାର୍ଟି, ପଶ୍ଚିମ ଓଡ଼ିଶା ଯୁବସଙ୍ଘ ତଥା ଅନ୍ୟଲୋକ ସଂଗଠନ ଓ ସ୍ୱେଚ୍ଛାସେବୀ ସଂଗଠନର ଲୋକମାନେ ସେଠି ମାୟାବଗିଗିର ଲୋକଙ୍କ ସହ ଛିଡ଼ା-ହୋଇ ଏ ଧ୍ୱଂସଲୀଳାକୁ ବିରୋଧ କରିଥାନ୍ତେ । ନିଜର ଭୋଟ୍ ବ୍ୟାଙ୍କକୁ ବଞ୍ଚାଇବା ପାଇଁ ସରକାରୀ କଂଗ୍ରେସ ଦଳ ମଧ୍ୟ ସେଠି ନିଜର ପାରମ୍ପରିକ ଭୋଟରମାନଙ୍କ ସହ ଛିଡ଼ା ହୋଇଥାନ୍ତା । ଯେଉଁ ଲୋକମାନେ, ରାଜନୈତିକ ଦଳମାନେ, ନେତା ଓ ବୁଦ୍ଧିଜୀବୀମାନେ ଏବେ ସବୁ ସରିଗଲା ପରେ ତାଙ୍କପାଇଁ ଶୋଭାଯାତ୍ରା, ସଭାସମିତି କରୁଛନ୍ତି, ବକ୍ତବ୍ୟ ଓ ପ୍ରେସ୍ ବିବୃତ୍ତି ଦେଉଛନ୍ତି, ସେମାନେ ଯଦି ସେଇଦିନ ମାୟାବଗିଗିର ଲୋକଙ୍କ ସହ ମିଳିତ ହୋଇ ଏ ଅମାନବିକ ନୃଶଂସ ଧ୍ୱଂସ ପ୍ରକ୍ରିୟାକୁ ବିରୋଧ କରିଥାଆନ୍ତେ ତାହେଲେ ଏ ମାୟାବଗିଗିରି ଉଚ୍ଛେଦ ହୋଇନଥାନ୍ତା । ଶହ ଶହ ପରିବାର ନିଃସ୍ୱ ହୋଇ ଘୂରି-ବୁଲୁନଥାନ୍ତେ । କିଛି ନ ହେଲେ କେତେ ଶତ/ସହସ୍ର ଲୋକତ ଗିରଫ୍ ହୋଇ ପାରିଥାନ୍ତେ । ସେତିକି ହୋଇଥିଲେ ଏ କୁମ୍ଭୀର କାନ୍ଦଣାର ଆବଶ୍ୟକତା ପଡ଼ିନଥାନ୍ତା । ଏ ଧ୍ୱଂସଲୀଳା ଶେଷ ହେବା ପରେ ମଧ୍ୟ ପ୍ରତିବାଦ ଓ ଦାବୀରେ କିଛି ଜୋର ଥିବା ଭଳିଆ ଅନୁଭବ ହେଉନାହିଁ । ଏପରିକି ପ୍ରଶାସନ ତାର ଅମାନୁଷିକ କାଣ୍ଡ କାରଖାନା ପାଇଁ ଲଜ୍ଜିତ ଅନୁଭବ କରିନାହିଁ । କ୍ଷମା ପ୍ରାର୍ଥନା ମଧ୍ୟ କରିନାହିଁ । ଏଠିକାର ରାଜନୈତିକ ଦଳ ଓ ରାଜନେତାମାନେ, ଏପରି ପରିସ୍ଥିତିଟିଏ ସୃଷ୍ଟି କରିପାରି ନାହାନ୍ତି, ଯ ଦ୍ୱାରା ପ୍ରଶାସନଙ୍କ କାଳ ନିଜର କ୍ରିମିନାଲ୍ ଚିତ୍ତବୃଦ୍ଧି ପାଇଁ ଅନୁତପ୍ତ ହୋଇ ଏମାନଙ୍କୁ କ୍ଷତିପୂରଣ

ଦେବାରେ, ଅଇଆନ ବ୍ୟବସ୍ଥା କରିବାରେ, ବ୍ୟଗ୍ରତା ଦେଖାନ୍ତା ତାହେଲେ କଣ ପ୍ରତିବାଦୀ ଶୋଭଯାତ୍ରା, ଦାବୀପତ୍ର ପ୍ରଦାନ, ସଭାସମିତି କେବଳ ଆମେ ଏହି ସହରରେ ବଞ୍ଚିରହିଛୁ ବୋଲି ପ୍ରମାଣିତ କରିବା-ପାଇଁ କି ? ଏସବୁ କଣ କେବଳ ପ୍ରତୀକ ଧର୍ମୀ ? ପଶ୍ଚିମ ଓଡ଼ିଶା ରାଜ୍ୟ ଦାବୀ କରୁଥିବା, ବିକାଶ ପରିଷଦ ଦାବୀ କରୁଥିବା ସଂଗଠନ ଗୁଡ଼ିକ କଣ ଏତେ ଦୁର୍ବଳ ଯେ ନିଜ ସହରର ବସ୍ତିବାସିନ୍ଦାଙ୍କୁ ମଧ୍ୟ ସୁରକ୍ଷିତ ଜୀବନଟିଏ ଦେଇପାରୁନାହାନ୍ତି କିମ୍ବା ବସ୍ତି ବାସିନ୍ଦାଙ୍କୁ ପଶ୍ଚିମ ଓଡ଼ିଶାର ନାଗରିକ ରୂପେ ଗଣୁନାହାନ୍ତି । (କୋଶଳରାଜ୍ୟ ଦାବୀ କରୁଥିବା ଜଣେ ବିଶିଷ୍ଟ ନାଗରିକ ଜନମୁଖୀ ବୈଠକରେ କହିଥିଲେ - " ମୁଁ ନିଜ ଦଳ ତରଫରୁ ଏ ବିଚ୍ଛେଦକୁ ବିରୋଧ କରେ କିନ୍ତୁ ବ୍ୟକ୍ତିଗତ ଭାବରେ ମୁଁ ଏହାର ସପକ୍ଷରେ ") । ଏହି ଦଳ, ଗୋଷ୍ଠୀ ଓ ବ୍ୟକ୍ତିମାନଙ୍କ ପାଖରେ, ବସ୍ତିମାନଙ୍କରେ ରହୁଥିବା ଲୋକଙ୍କର ସ୍ୱାର୍ଥପାଇଁ ଲଢ଼ିବାର ଆନ୍ତରିକତାର ଅଭାବ ରହିଛି ନା ଏହାକୁ ନେଇ ଆବଶ୍ୟକ ଆନ୍ଦୋଳନାତ୍ମକ ପଦକ୍ଷେପ ପାଇଁ ସାଂଗଠନିକ ଶକ୍ତି ଏମାନଙ୍କ ପାଖରେ ନାହିଁ । ଏ ଦୁଇଟି ଉକ୍ତି ମଧ୍ୟରୁ କେଉଁଟି ସତ୍ୟ ନା ଦୁଇଟି ଯାକ ସତ୍ୟ ?

୧) ଏଥିରୁ ଜଣାପଡୁଛି ଯେ, ଏ ଉଚ୍ଛେଦ ପ୍ରକ୍ରିୟାରେ ଜୀବିକା ଓ ଘର ହରେଇଥିବା ଲୋକଙ୍କ ପ୍ରତି କାହାରି ମଧ୍ୟ ସହାନୁଭୂତି ନ ଥିଲା ।

୨) ପ୍ରଶାସନକୁ ଏତେ ଶକ୍ତିଶାଳୀ ଭାବିଲେ ଯେ, ତାକୁ ବିରୋଧ କରି ମାଡ଼ଖାଇ ବା ଗିରଫ ହେବା ଅସମ୍ଭବ ବୋଲି ମନେକଲେ । ତାଙ୍କର ସାହସ ହେଲନାହିଁ ପ୍ରଶାସନ ବିରୋଧରେ ଯିବାପାଇଁ । ତାହେଲେ କଣ ଏ ସହରର ରାଜନୈତିକ ଦଳ, ନେତୃବୃନ୍ଦ, ବୁଦ୍ଧିଜୀବି, ସାମାଜିକ କର୍ମକର୍ତ୍ତା ଓ ମୁଖ୍ୟତଃ ନୀରବ ରହୁଥିବା ସାଧାରଣ ଲୋକଙ୍କ ଅପେକ୍ଷା ପ୍ରଶାସନ କଳର ଶକ୍ତି ଅଧିକ ଓ ସେମାନେ ତାଙ୍କର ଇଚ୍ଛାନୁଯାୟୀ କାର୍ଯ୍ୟ କରିପାରିବେ ତାହା ଯେତେ ନୃଶଂସ ହୋଇଥାଉ ବା ଅମାନବୀୟ ହୋଇଥାଉ । ଏପରି ଅବସ୍ଥାରେ ଗଣତାନ୍ତ୍ରିକ ଶାସନ

ଚାଲିଛି ବୋଲି କହିହେବ କି ? ଏହା ଲୋକତନ୍ତ୍ର ନୁହେଁ ନୌକର ତନ୍ତ୍ର ପ୍ରଶାସନ ତନ୍ତ୍ର । ନୌକର ତନ୍ତ୍ର ଆଜି ସାଧାରଣ ଜନତାଙ୍କଠାରୁ ବେଶି ଶକ୍ତିଶାଳୀ ବୋଲି ପ୍ରମାଣିତ ହେଉଛି । ଏ ଘଟଣାରୁ ସାଧାରଣ ଲୋକେ ଆମ ପ୍ରଶାସନିକ ଦଳ, ରାଜନୈତିକ ଦଳ, ନିର୍ବାଚିତ କାଉନ୍ସିଲର ଅଧ୍ୟକ୍ଷ ଓ ବିଧାୟକ ମନ୍ତ୍ରୀଙ୍କ ଚରିତ୍ରକୁ ନିରୀକ୍ଷଣ କରନ୍ତୁ । "ସେମାନେ କାହାର," ସେ ପ୍ରଶ୍ନ ନିଜକୁ କରନ୍ତୁ । ମାଲ୍କାନଗିରି ବାସିନ୍ଦାଙ୍କ ଏହି ଦୁର୍ଦ୍ଦଶାରୁ ଅନ୍ୟ ବସ୍ତି ଅଞ୍ଚଳର ଲୋକେ ଶିକ୍ଷା ଗ୍ରହଣ କରନ୍ତୁ । ନିଜକୁ ସ୍ୱାଧୀନଭାବରେ (ଏ ତଥାକଥିତ ଦଳୀୟ ଭିତ୍ତିକୁ ଛାଡ଼ି, କୌଣସିଦଳର ଶ୍ରେଷ୍ଠବ୍ୟକ୍ତି ହେବାର ମାନ ଗୌରବକୁ ଛାଡ଼ି) ସଙ୍ଗଠିତ କରନ୍ତୁ । ତାଙ୍କ ପ୍ରତି ପ୍ରତିଦିନ ହେଉଥିବା, ହେବାକୁ ଥିବା ଅନ୍ୟାୟ, ଅତ୍ୟାଚାର ଓ ଅବହେଳାର ବିରୋଧରେ ଲଢ଼େଇ କରନ୍ତୁ ।

ମାଲ୍କାନଗିରି ଉଚ୍ଛେଦ ବେଳର ଧ୍ୱଂସଲୀଳା ଚାଲୁଥିବାବେଳେ, ଅଇଁଠାପାଲି ରେମେଡ଼ି ଓ ସହରର ବିଭିନ୍ନ ପ୍ରାନ୍ତରେ ନିରନ୍ନ ଗରିବଙ୍କ ପେଟରେ ପ୍ରଶାସନିକ ଲାତ ବାଜୁଥିଲାବେଳେ କୌଣସିଦଳ, କୌଣସି ଗୋଷ୍ଠୀ ପିଠିରେ ପଡ଼ିଲେନି; ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ କାରଣ, ଯେଉଁମାନଙ୍କର ସଂସାର ଉଜୁଡ଼ିଗଲା, ଚାଳିଶ ପଚାଶ ବର୍ଷର ଘର ଓ ବସ୍ତି ଉଜୁଡ଼ିଗଲା ସେମାନେ ମଧ୍ୟ କିଛି କରିପାରିଲେ ନାହିଁ । କିଛି ମହିଳା ରାସ୍ତାରେ ଗଡ଼ିଗଲେ, କିଛି ଯୁବକ ଟାୟାର୍ ଜଳାଇଲେ, କେତେକ ମୃଦୁ ଲାଠିଚାଳନା ଖାଇଲେ । ସମସ୍ତେ ବସ୍ତି ଛାଡ଼ି ଉପରେ ଚାଲିଗଲେ । ପୁଣି ସେହି ପ୍ରଶାସନିକ କଳ ଆଗରେ ଦାବୀତ ନୁହେଁ ହାତପାତି ବସିଛନ୍ତି । ଓଡ଼ିଶା ତଥା ଦେଶର ବହୁ ପ୍ରକଳ୍ପ ବିରୋଧି ଆନ୍ଦୋଳନ ସମୟରେ ନିଜ ବର୍ଷବର୍ଷର ଭିଟାମାଟି, ଘରଦ୍ୱାର ହରେଇବା ଦୁଃଖରେ ଲୋକେ ଜୀବନ ତେଜି ଦେବାପାଇଁ ପ୍ରସ୍ତୁତ ହୋଇଯିବାର ନଜିର ରହିଛି । ଆମ ନିକଟସ୍ଥ ପାଇକମାଳରେ ବାଲ୍କୋ ବିରୋଧି ଆନ୍ଦୋଳନବେଳେ ବହୁ ସରକାରୀ କର୍ମଚାରୀ ଲୋକଙ୍କ ହାତରୁ ମାଡ ଖାଇଥିବା କଥା ସମସ୍ତେ ଜାଣନ୍ତି । ଏଠାରେ ହେଲେ ସେମିତି କିଛି

ହୋଇଥାନ୍ତା ଏଠାରେ କେତେ କେଉଁ ଯୁବକ ଉଦ୍ଧାମ ସିଂ ପରି ଅମୁକ ଅତ୍ୟାଚାରୀ ଅଫିସରଙ୍କୁ ଜୀବନରେ ମାରିବୁ ବୋଲି ଶପଥ କରିଥାଆନ୍ତେ ।

ପ୍ରଶାସନିକ କାର୍ଯ୍ୟାଳୟରେ ବମ୍ ଫିଙ୍ଗିବୁ ବୋଲି ନିଷ୍ପତ୍ତି ନେଇଥାନ୍ତେ । ଏସବୁ କିଛି ହେଲନାହିଁ କି ହେବାର ସମ୍ଭାବନା ଦିଶୁନାହିଁ । ବହୁଲୋକ ଏହିକଥାକୁ ପାଗଳାମିର ଆଖ୍ୟା ଦେଇପାରନ୍ତି ମାତ୍ର ଏସବୁ କହିବା ଭିତରେ ମୁଁ ଗୋଟିଏ କଥା କହିବାକୁ ଚାହେଁ ଯେ, ଆମ ଲୋକଙ୍କ ଭିତରେ, ଯୁବସମାଜଙ୍କ ଭିତରେ ଲଢ଼େଇ କରିବାର ମନୋବୃତ୍ତି ଲୋପପାଇଆସୁଛି, ପ୍ରତିବାଦ କରିବାର ବୟସଗତ ଉଷ୍ମତା ମଧ୍ୟ ନଷ୍ଟ ହୋଇଯାଉଛି । ଯୁବକଟିଏ, ତରୁଣଟିଏ ଆଜି ଏ ପ୍ରଶାସନିକ ଅତ୍ୟାଚାର ବିରୋଧରେ ଲଢ଼ିବା ପାଇଁ ନିଜ ଭିତରେ ସାହସ ଖୋଜି ପାଉନାହିଁ (ହେଉପଛେ ତାହା ଦୁଃସାହସ) । ଆଉ ଗୋଟିଏ କଥା ସ୍ପଷ୍ଟ ହୋଇଛି । ତାହା ହେଲା ରାଷ୍ଟ୍ରଶକ୍ତି (ତାକୁ ପ୍ରଶାସନିକ ଶକ୍ତି କୁହାଯାଉ) କ୍ରମଶାଳୀ ହେବାରେ ଲାଗିଛି । ସେ ଅନୁପାତରେ ଲୋକଶକ୍ତି ଦୁର୍ବଳରୁ ଦୁର୍ବଳତର ହେବାରେ ଲାଗିଛି । ସାଧାରଣ ଲୋକଟିଏ ଧୀରେ ଧୀରେ ଅସହାୟ ହେଉଛି, ପ୍ରତିବାଦ ହୀନ ହୋଇ-ଯାଉଛି । ପ୍ରଶାସନିକ ବ୍ୟବସ୍ଥା ଯେତେ ଅମାନବୀୟ ହେଉ, ଯେତେ ଅତ୍ୟାଚାରୀ ହେଉ, ତା ବିରୁଦ୍ଧରେ କହିବା, ଲଢ଼ିବାର ଶକ୍ତି ଯେମିତି ସାଧାରଣ ଲୋକଙ୍କ ଭିତରେ କମି କମି ଆସୁଛି । ପ୍ରଶାସନିକ କଳ, ରାଜନୈତିକ ଦଳ ସାଧାରଣ ଲୋକଙ୍କୁ ନେଇ, ଲୋକଙ୍କ ପାଇଁ ନୁହେଁ, ଲୋକଙ୍କ ବିରୁଦ୍ଧରେ ଲୋକଙ୍କୁ ବାଦଦେଇ କାମ କରୁଛି ।

ଏବେ ଚାରିଆଡ଼େ ସାଧାରଣ ଲୋକଟିଏ ଉପରେ ମାଡ଼ ବଢ଼ୁଛି । ଏ ମାଡଟିର ବ୍ୟବସ୍ଥା କରୁଛି ଏହି ଶାସନ ବ୍ୟବସ୍ଥା । ସତରେ ଯେମିତି ଏ ଦେଶ, ଏ ସମାଜ, ଏ ଜମି, ଜଳ, ଜଙ୍ଗଲ ଉପରେ ସାଧାରଣ ଲୋକର କୌଣସି ଅଧିକାର ନାହିଁ । ସ୍ୱାଧୀନତା ପରବର୍ତ୍ତୀ କାଳରେ ବହୁ ପୁଞ୍ଜିଥିବା ଲୋକେ, କ୍ଷମତାରେ ଥିବା ତା ପାଖା ପାଖି

ଥାଇ ନିର୍ଦ୍ଦେଶିକାଗ୍ରି ଲୋକେ ଏ ସମ୍ବଲପୁରର ସରକାରୀ ଜମି ମାଡ଼ିବସି ନିଜ ନାଁରେ ପଟ୍ଟା କରେଇ ନେଉଛନ୍ତି । ଗରିବ ଆଦିବାସୀଙ୍କ ଜମି ଅଣଆଦିବାସୀଙ୍କ ହାତକୁ ହସ୍ତାନ୍ତରିତ ହୋଇପାରିବ ନାହିଁ ବୋଲି ନିୟମ ଥିବା ସତ୍ତ୍ୱେ ହଜାର ହଜାର ଜମି ଏଣ୍ଟି ଥିଲବାଲାଙ୍କ ହାତକୁ ଯାଇସାରିଛି, ଏହା ସମସ୍ତଙ୍କୁ ଜଣା । ଏ ମାଝୁଆବଗିଚ୍ଛରେ ଖାଲିପଡ଼ିଥିବା ସରକାରୀ ଜମିରେ ଏବେ ହେବ କଣ ? କାହାକୁ ଦିଆଯିବ ଏ ଜମି ? ଉଚ୍ଛେଦ ସାଧାରଣତଃ କୌଣସି ପ୍ରକଳ୍ପ ପାଇଁ କରଯାଇଥାଏ । ମାଝୁଆବଗିଚ୍ଛରେ କଣ ପ୍ରକଳ୍ପ ହେବ ? କୌଣସି ପ୍ରକଳ୍ପର ଯୋଜନା ନ ଥାଇ ଏ ଉଚ୍ଛେଦ କରାଗଲା କାହିଁକି ? ଏ ଖାଲି ପଡ଼ିଥିବା ସରକାରୀ ଜାଗାରେ କାହାର ଲୋଲୁପ ଦୃଷ୍ଟି ପଡିଛି, କେଉଁ ରାଜନୈତିକ ନେତା ସରକାରୀ କର୍ମଚାରୀ, ବ୍ୟବସାୟୀଙ୍କ ସହ ଏ ଜାଗାକୁ ହଡ଼ପ୍ କରିନେବାର ମସୁଧା ଚାଲିଛି, ସେ ସମ୍ପର୍କରେ ଜିଲ୍ଲା ପ୍ରଶାସନ ସ୍ପଷ୍ଟୀକରଣ ଦେବେ କି ? ସେଠୁ ଉଚ୍ଛେଦ ହୋଇଥିବା ଲୋକେ ଯଦି ଆଉ କେଉଁଠି ସରକାରୀ ଜମିରେ ଥଇଥାନ ହେବେ ତାହେଲେ ସେଠି କାହିଁକି ନୁହେଁ । ସଂରକ୍ଷିତ ଜଙ୍ଗଲ ଅଂଶକୁ ଛାଡ଼ି ମାଝୁଆବଗିଚ୍ଛରେ ହିଁ ତାଙ୍କର ଥଇଥାନ କରିବାରେ ପ୍ରଶାସନର କଣ ଆପତ୍ତି ରହିଛି ? ଖୋଦ୍ ଆର୍.ଡ଼ି.ସି. ଙ୍କ ବଙ୍ଗଳା ମଧ୍ୟ ସଂରକ୍ଷିତ ଜଙ୍ଗଲ ଜମିରେ ରହିଛି । ତା ଛଡ଼ା ଜଙ୍ଗଲ ଜମିରେ ଜଙ୍ଗଲ ବୋଲି କିଛି ନାହିଁ କି, ଜଙ୍ଗଲ ସୃଷ୍ଟିର ଯୋଜନା ନାହିଁ । ଆମର ଦାବୀ ହୁଏ ତ ସେୟା ହେଉ, ମାଝୁଆ ବଗିଚ୍ଛରୁ ଉଚ୍ଛେଦ ହୋଇଥିବା ଲୋକଙ୍କୁ ମାଝୁଆବଗିଚ୍ଛ ଜମିରେ ପଟ୍ଟା ଦିଆଯାଉ । ସେଠି ଘରଡିଆରି ପାଇଁ କ୍ଷତିପୂରଣ ଦିଆଯାଉ ନହେଲେ ସରକାରଙ୍କ ତରଫରୁ ଘରତିଆରି କରି ସେଠିକାର ପୁରୁଣା ବାସିନ୍ଦାଙ୍କୁ ପୁନଃ ଥଇଥାନ କରାଯାଉ । ଆଉ ଯେଉଁମାନେ ବାକି ରହିଗଲେ ସେମାନଙ୍କ ପସନ୍ଦରେ ସହରରେ ଆଖପାଖରେ ଥିବା ସରକାରୀ ଜମିରେ ପଟ୍ଟା ଦିଆଯାଉ ।

ଏମାନଙ୍କ ପାଇଁ ସିନା ଏସବୁ କରାଯାଉ ବୋଲି କହିହେବ ମାତ୍ର ଏ ଧ୍ୱଂସଲୀଳାରେ ଯେଉଁ ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ, ଅଶିକ୍ଷିତ,

ବେକାର ଯୁବକ, ବାଳଶ୍ରମିକ, ଶିଶୁଶ୍ରମିକ ଓ ଗରିବ ଖଟିଖିଆ, ଭୂମିହୀନମାନେ ଜୀବିକା ହରାଇଲେ ସେମାନଙ୍କ ପାଇଁ କିଏ ଦାୟୀ କରିହେବ ? ସ୍ୱାଧୀନତାର ପଚାଶ ବର୍ଷ ପରେ ମଧ୍ୟ ଭାରତବର୍ଷ ନିଜକୁ ଜନମଙ୍ଗଳ ରାଷ୍ଟ୍ରରୂପେ ପରିଚିତ କରାଇ ହେଉଥିବା ସମୟରେ, କାମ କରିବାର ଅଧିକାରକୁ ମୌଳିକ ଅଧିକାରର ମାନ୍ୟତା ଦିଆଯାଇନାହିଁ । ଶିକ୍ଷିତ, ଅଶିକ୍ଷିତ ଯୁବକଙ୍କ ପାଇଁ କର୍ମନିଯୁକ୍ତିର ବ୍ୟବସ୍ଥା କରାଯାଇ ପାରିନାହିଁ, ଅନ୍ୟପକ୍ଷେ ନିଜ ଅଧିବସାୟରେ ଛୋଟ ଦୋକାନ, ଝୁପୁଡ଼ି ହୋଟେଲ୍, ପାନଦୋକାନ, ପତ୍ରିକାଦୋକାନ, ବହିଦୋକାନ, ଷ୍ଟୋର କଲ୍ପନା ଦୋକାନଟିଏ କରି ଜୀବନ ବଞ୍ଚିବାକୁ ଚେଷ୍ଟାକଲେ ଭାଙ୍ଗିବାକୁ ପ୍ରଶାସନର ଡର ସହୁନାହିଁ । ଆମ ରାଜ୍ୟରେ ଏବେ ସତର ଲକ୍ଷ ଶିକ୍ଷିତ ବେକାର ଯୁବକଙ୍କ ବୟସ ଆଧିକ୍ୟ ଯୋଗୁଁ ନିଯୁକ୍ତି ଅଫିସ୍‌ରୁ ନାଁ କଟି ସାରିଲାଣି । ଚଉଦ (୧୪) ଲକ୍ଷ ଶିକ୍ଷିତ ବେକାରଙ୍କ ନାମ ଅଫିସ୍‌ରେ ପଡ଼ିରହିଛି । ଆଉ ଗାଁ ଗଣ୍ଡାର ଅଶିକ୍ଷିତ ବେକାରମାନେ କାମଧନ୍ଦା ନପାଇ ଭଟାମାଟି ଛାଡ଼ି ଦୌଡ଼ୁଛନ୍ତି ରାଏପୁର, ବିଲାସପୁର, ଭିଲାଇ, ଗୁଜୁରାଟ, ଦୁର୍ଗପରି ଅନେକ ସହରକୁ । ଆବଶ୍ୟକ ସ୍ଥଳେ ନିଜର ଇଜ୍ଜତ ବିକୁଛନ୍ତି, କୋଠାରେ ବେଶ୍ୟା ହେଉଛନ୍ତି ମୁଠାଏ ଖାଇବାପାଇଁ । ଆଉ କିଛି ଆମ ସମ୍ବଲପୁରପରି ସହର ଗୁଡ଼ିକରେ ରିକ୍ସା ଯାର ଡାର ମୂଲଲାଗି ବଞ୍ଚୁଛନ୍ତି । ସେମାନଙ୍କୁ ଗ୍ରାମରେ ନିଯୁକ୍ତି ଯୋଗାଇବାପାଇଁ ସରକାର ଅକ୍ଷମ । ବର୍ଷକୁ ଦୁଇଟି ଫସଲ କିଣ, ଗୋଟିଏ ଫସଲକୁ ଜଳସେଚନର ବ୍ୟବସ୍ଥା କରି କୃଷିକୁ ରୋଜଗାର ଭିତ୍ତିକ, ନିଯୁକ୍ତି ସୃଷ୍ଟି ଭିତ୍ତିକ କରିବା ପାଇଁ ସରକାର ନାରାଜ । କର୍ମସଂସ୍ଥାନ କରିବାପାଇଁ, କୃଷିକୁ ଖାଦ୍ୟ ଉତ୍ପାଦନ ଭିତ୍ତିକ, ରୋଜଗାର ଭିତ୍ତିକ କରିବା ବଦଳରେ କୃଷିକୁ ଧନ୍ଧଭିତ୍ତିକ, ପୁଞ୍ଜି ଓ ରପ୍ତାନିଭିତ୍ତିକ କରିବାରେ ସରକାର ବ୍ୟସ୍ତ । ଏପରି ଅବସ୍ଥାରେ ଗାଁ ଲୋକେ ସହରକୁ ଆସିବା, ରାଜ୍ୟ ବାହାରକୁ ଯାଇ ଶୋଷିତ ଓ ଅତ୍ୟାଚାରିତ ହେବାଟା ଗୋଟିଏ ସ୍ୱାଭାବିକ କଥା ହୋଇଯାଇଛି । ଆଗକୁ ଆହୁରି ହେବ । ଯନ୍ତ୍ର ନୀତି, ଯୋଗୁଁ ଏବଂ ସରକାରଙ୍କ ନୀତିଗତ ଦୁର୍ବଳତା, ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ନୂଆଁ ଶ୍ରମକ୍ଷେତ୍ର ମଧ୍ୟ ସୃଷ୍ଟି ହେଉନାହିଁ ବା ହେବାର

ସମ୍ଭାବନା ମଧ୍ୟ ନାହିଁ । ବରଂ ଆଗରୁ ସୃଷ୍ଟି ହୋଇଥିବା ପଦ-ପଦବୀ ଗୁଡ଼ିକୁ ମଧ୍ୟ କମେଇଦେବାର କାମ କେବେଠୁ ଆରମ୍ଭ ହୋଇସାରିଛି । ଏ ସମସ୍ତ ସମସ୍ୟା ସୃଷ୍ଟିର ମୂଳରେ ରହିଛି ଏ ପ୍ରଚଳିତ ବ୍ୟବସ୍ଥା, ପ୍ରଚଳିତ ବିକାଶ ନୀତି ଯାହା ଶବ୍ଦରେ ପାଞ୍ଚଜଣଙ୍କୁ ସୁହାଉଅଛି । କତିପୟଙ୍କ ସ୍ୱାର୍ଥପାଇଁ କାମ କରୁଛି । ସେହି ବ୍ୟବସ୍ଥାକୁ ପ୍ରଶ୍ନ କରିବାକୁ ହେବ । ସେ ବ୍ୟବସ୍ଥାର ମୂଳୋତ୍ପାଟନ ପାଇଁ ଲୋକଙ୍କୁ ସଂଗଠିତ କରିବାକୁ ହେବ । ସେ ସଂଗଠିତ ଶକ୍ତି ଏକ ଜନ ଆନ୍ଦୋଳନକୁ ଜନ୍ମ ଦେବ । ଯାହା ପ୍ରମାଣିତ କରିବ ଯେ, ଏଦେଶ ଏମିତି ସାଧାରଣ ଜନତାଙ୍କର କେବଳ ନେତା, ବ୍ୟବସାୟୀ ପୁଞ୍ଜିପତି, ପ୍ରଶାସନିକ କର୍ମଚାରୀଙ୍କର ମିଳିତ ଭୋଜିଭାତର ଉତ୍ସବମାଟି ନୁହେଁ । ସେଭଳି ଏକ ବିକଳ୍ପ ଲୋକଶକ୍ତି ଗଠନ ବିନା ସମ୍ବଲପୁରର ମାଧୁବାଗିଚା ପରି ସୋହେଲର ବେତରାପଡ଼ା, ହରିଜନ ଟୋଡାପରି ଅନେକ ବସ୍ତିକୁ ଧ୍ୱଂସ ପାଇବାରୁ କେହିମଧ୍ୟ ରକ୍ଷା କରିପାରିବେ ନାହିଁ । ବସ୍ତି ଉଚ୍ଛେଦରେ, ସହର ଶ୍ରୀବୃଦ୍ଧି ନାଁରେ ଯେଉଁ ନିର୍ଦ୍ଦିଷ୍ଟ ବର୍ଗର ଲୋକେ କ୍ଷତିଗ୍ରସ୍ତ ହେଲେ ଆଗକୁ ମଣିଷ ହେଇ ମଧ୍ୟ ସେମାନେ ନିରୀହ ଛେଳି କୁକୁଡ଼ା ପରି ବଳୀ ପଡ଼ିବାକୁ ବାଧ୍ୟ ହେଉଥିବେ ।

ଅକ୍ଷର ପ୍ରକାଶନୀର ଅନ୍ୟ ଏକ ପୁସ୍ତିକା

ପଶ୍ଚିମ ଓଡ଼ଶା : ଶୋଷଣ, ପ୍ରତାରଣା ଓ ପ୍ରତିବାଦ୍

ସରୋଜ କୁମାର ମହାନ୍ତ
ଦୀପକ କୁମାର ମିଶ୍ର

ପ୍ରଥମ ପ୍ରକାଶ : ୧୯୯୭

ମୂଲ୍ୟ : ପାଞ୍ଚଟଙ୍କା ମାତ୍ର

Printed and Published by Ravishankar on behalf of Akhyara Prakashanee, Sambalpur.